ସକାଳ THE SAKALA



# ଅସ୍ତିତ୍ୱ ହରାଇବାକୁ ବସିଛି ଦଳଗଞ୍ଜନ ପ୍ରେସ୍

**ବଲାଙ୍ଗିର, ୨୧।୨(ସମିସ)**



## ଖାଲି କରୁଛି ବାଣିଜ୍ୟ ବିଭାଗ, କେନ୍ଦୁଝରକୁ ଦୁଇ ଜଣଙ୍କୁ ବଦଳି

## ମୁହଁ ଖୋଲୁନାହାନ୍ତି କନକ ଓ ମୁକେଶ

ରାଜ୍ୟରେ ଥିବା ସରକାରୀ ମୁଦ୍ରଣାଳୟ ବିଷୟରେ ବିଧାୟକଙ୍କ ପ୍ରଶ୍ନରେ ବିଭାଗୀୟ ମନ୍ତ୍ରୀଙ୍କ ଉତ୍ତର ସାମ୍ନାକୁ ଆସିବା ପରେ ବଲାଙ୍ଗିର ଠାରେ ଥିବା ସରକାରୀ ଶାଖା ମୁଦ୍ରଣାଳୟ ବା ଦଳଗଞ୍ଜନ ପ୍ରେସ୍‌ର ଭବିଷ୍ୟତକୁ ନେଇ ପୁଣି ଥରେ ପ୍ରଶ୍ନ ଉଠିଛି।ଗୋଟିଏ ପଟେ ମନ୍ତ୍ରୀ ସରକାରୀ ମୁଦ୍ରଣାଳୟ ଗୁଡିକର ଉନ୍ନତିକରଣ କଥା କହୁଥିବା ବେଳେ ଅନ୍ୟପଟେ ବଲାଙ୍ଗିର ମୁଦ୍ରଣାଳୟରୁ ଦୁଇ ଜଣଙ୍କୁ ମୁଖ୍ୟମନ୍ତ୍ରୀ ନିଜ ଜିଲ୍ଲାକୁ ବଦଳି କରି ନେଇଥିଲେ।ଏହାରି ଭିତରେ ଦଳଗଞ୍ଜନର ଭବିଷ୍ୟତ ଓ ଏହାର ଉନ୍ନତିକରଣ କେଉଁଠି ବୋଲି ଲୋକେ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି।ବଲାଙ୍ଗିରର ଏହି ପୁରୁଣା ତଥା ପାଟଣା ଇତିହାସର ମୁକସାକ୍ଷୀ ଦଳଗଞ୍ଜନ ପ୍ରେସ୍‌ର ଉନ୍ନତିକରଣ ବଦଳରେ ଏହାକୁ ଅର୍କମଣ୍ୟ କରିବା ପାଇଁ ବର୍ତ୍ତମାନର ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଥିବା ଆଲୋଚନା ହେଉଛି।

ସ୍ୱତନ୍ତ୍ର ରାଜ୍ୟ ଗଠନ ପୂର୍ବରୁ ପାଟଣାରାଜ୍ୟ ବେଶ ଉନ୍ନତ ଓ ସମୃଦ୍ଧ ଥିଲା। ପାଟଣା ଶାସକମାନଙ୍କ ଦ୍ୱାରା ଅନେକ ପଦକ୍ଷେପ ନିଆଯାଇଥିଲା ଯାହାକି ଆଜି ବି ଲୋକଙ୍କ କାମରେ ଲାଗୁଛି। ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ଦଳଗଞ୍ଜେନ ପ୍ରେସ୍। ଦଳଗଞ୍ଜନ ପ୍ରେସସ୍‌କୁ ସରକାର ନିଜ ଅଧିନକୁ ନେବା ପରେ ଏହି ସରକାରୀ ଶାଖା ମୁଦ୍ରଣାଳୟରେ ସରକାରୀ କାଗଜପତ୍ର, ସରକାରୀ ଲଫାଫା ତିଆରି କରାଯାଉଛି। ଏହି ପ୍ରେସ୍ ସରକାରଙ୍କ ଅଧିନରେ ଥିବା ପ୍ରେସ୍‌ମାନଙ୍କ ମଧ୍ୟରେ ସର୍ବପୁରାତନ। ଗୁରୁବାର ବିଧାନସଭାରେ ଦେବଗଡ଼ ବିଧାୟକଙ୍କ ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ରାଜ୍ୟରେ ଆଠଟି ସରକାରୀ ମୁଦ୍ରଣାଳୟ ରହିଥିବା ସୂଚନା ଦେଇଥିଲେ।ଏଥିରେ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଥିବା ଶାଖା ମୁଦ୍ରଣାଳୟ ସହ ରାଜଧାନୀରେ ଥିବା ଦୁଇ ମୁଦ୍ରଣାଳୟର ଉନ୍ନତିକରଣ କରାଯାଉଥିବା କହିଥିଲେ। ତେବେ ବଲାଙ୍ଗିର ଭଳି ଏକ ଶିଳ୍ପବିହୀନ ଜିଲ୍ଲାରେ ଥିବା ସର୍ବପୁରାତନ ମୁଦ୍ରଣାଳୟର ଉନ୍ନତିକରଣ କାମକୁ କାହିଁକି ଗୁରୁତ୍ୱ ଦିଆଯାଇନାହିଁ ବୋଲି ପ୍ରଶ୍ନ ଉଠିଛି। ବୟସାନୁସାରେ ଧିରେ ଧିରେ ଏହି ପ୍ରେସ୍‌କୁ ଅଣଦେଖା କରାଯାଇଥିଲା। ଏଠାରେ ଥିବା ମେସିନ ଗୁଡିକ ଅଚଳ ହେବା ପରେ ତାକୁ ମରାମତି କରାନଯାଇ ପକାଇ ରଖାଯାଇଥିଲା। ଯେଉଁଭଳି ଭାବେ ଅନ୍ୟ ପ୍ରେସ୍‌ମାନଙ୍କୁ ରାଜ୍ୟ ସରକାର ଧ୍ୟାନ ଦେଇଥିଲେ ଦଳଗଞ୍ଜନକୁ ସେହି ଗୁରୁତ୍ୱ ମିଳିନଥିଲା। ଫଳରେ ବର୍ତ୍ତମାନ ସମୟରେ ଏହି ଦଳଗଞ୍ଜନ ପ୍ରେସ୍ ନିଜ ଅସ୍ତିତ୍ୱ ହରାଇବାକୁ ବସିଛି।ତଥାପି ଆଜିର ଦିନରେ ସରକାରୀ କାମରେ ବ୍ୟବହାର ହେଉଛି।ଏହି ପ୍ରେସ୍‌ରେ ସରକାରୀ ବାଇଣ୍ଡିଂ କାମ ହେଉଥିବା ବେଳେ ସରକାରୀ ଲଫାଫା ତିଆରି ହେଉଛି। ଏହି ପ୍ରେସ୍‌ରେ ପୂର୍ବରୁ ୬୨ ଜଣ କର୍ମଚାରୀ କାମ କରୁଥିବା ବେଳେ ଆଜିର ଦିନରେ ତାହା ୪କୁ ପହଞ୍ଚିଛି। କର୍ମଚାରୀମାନେ ଅବସର ନେବା ପରେ ଆଉ ନୂତନ କର୍ମଚାରୀ ନିଯୋଜିତ ହେଉନାହାନ୍ତି। କିଛି ବର୍ଷ ପୂର୍ବରୁ ଏହି ସଂଖ୍ୟା ସାତରେ ପହଥିଲା। କିଛି ମାସ ପୂର୍ବରୁ ଜଣେ କର୍ମଚାରୀ ଅବସର ନେଇଥିବା ବେଳେ ଗତ ନଭେମ୍ବର ମାସରେ ପୁଣି ଦୁଇ ଜଣ ରାଜେଶ କୁମାର ମୁଣ୍ଡା ଓ ସଞ୍ଜିବ କୁମାର ନାଏକଙ୍କୁ କେନ୍ଦୁଝର ଶାଖା ମୁଦ୍ରଣାଳୟକୁ ବଦଳି କରାଯାଇଥିଲା। ଏହା ପୂର୍ବରୁ ପ୍ରେସରେ ଥିବା ଐତିହାସିକ ମେସିନକୁ ନିଲାମ କରିଦିଆଯାଇଥିବା ବେଳେ ପୁନରୁଦ୍ଧାର ପାଇଁ କୌଣସି ପଦକ୍ଷେପ ନିଆଯାଇନଥିଲା। ବଲାଙ୍ଗିର ଜିଲ୍ଲାରୁ ଦୁଇ ଜଣ ମନ୍ତ୍ରୀ ରାଜ୍ୟ ସରକାରଙ୍କ କ୍ୟାବିନେଟ୍‌ରେ ରହିଛନ୍ତି। ଅଥଚ ଦଳଗଞ୍ଜନ ପ୍ରେସ୍‌ର ଏହିଭଳି ଅବସ୍ଥାକୁ ନେଇ ପଦୁଟିଏ କହିନାହାନ୍ତି।ଅନ୍ୟପକ୍ଷରେ ଗୋଟିଏ ଜିଲ୍ଲାର ପ୍ରତିଷ୍ଠାନକୁ ପଙ୍ଗୁ କରି ମୁଖ୍ୟମନ୍ତ୍ରୀ ନିଜ ଜିଲ୍ଲାର ମୁଦ୍ରଣାଳୟକୁ ଗୁରୁତ୍ୱ ଦେବା କେତେ ଯୁକ୍ତିଯୁକ୍ତ ଆଲୋଚନାର ବିଷୟ।ଏହିକ୍ରମରେ ବଲାଙ୍ଗିର ଜିଲ୍ଲାରେ ଥିବା ଦଳଗଞ୍ଜନ ପ୍ରେସ୍‌କୁ ଗୁରୁତ୍ୱ ଦେଇ ଶୀଘ୍ର ଏହାର ଉନ୍ନତିକରଣ କରିବା ପାଇଁ ଦାବି ହୋଇଛି।

## ୧୦ଟି କେନ୍ଦ୍ରରେ ୧୩୭୧ ଜଣ ଦେଲେ ପରୀକ୍ଷା

# ୮୫ ପରୀକ୍ଷାର୍ଥୀ ଅନୁପସ୍ଥିତ

**ଖପ୍ରାଖୋଲ, ୨୧।୨(ସମିସ)** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକରେ ମୋଟ ୧୦ଟି ପରୀକ୍ଷା କେନ୍ଦ୍ରରେ ପଞ୍ଜୀକରଣ ହୋଇଥିବା ୧୪୫୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୩୭୧ଜଣ ପରିକ୍ଷ୍ୟାର୍ଥି ମାଟ୍ରିକ ପରୀକ୍ଷା ଦେଉଛନ୍ତି। ସୂଚନା ଅନୁଯାୟୀ ଖପ୍ରାଖୋଲ ବ୍ଲକରେ ଚଳିତ ମାଟ୍ରିକ ପରୀକ୍ଷାରେ ସମୁଦାୟ ୧୦ଟି ପରୀକ୍ଷା କେନ୍ଦ୍ର ହେଇଥିବା ବେଳେ ପରୀକ୍ଷା କେନ୍ଦ୍ରମାନଙ୍କରେ ଶାନ୍ତି ଶୃଙ୍ଖଳା ସହିତ ପରୀକ୍ଷା ଆରମ୍ଭ ହୋଇଯାଇଛି। ପ୍ରଥମ ଦିନ ପରୀକ୍ଷା କେନ୍ଦ୍ର ଗୁଡ଼ିକରେ ପଞ୍ଜୀକରଣ ହୋଇଥିବା ୧୪୫୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୫ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି।ବ୍ଲକରେଥିବା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଖପ୍ରାଖୋଲ କେନ୍ଦ୍ରରେ ୧୦୮ ଜଣ ମଧ୍ୟରୁ ୧୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ବେଳେ ସେହିପରି ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୨୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ, ମହରାପଦର ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୯୦ରୁ ୧୫ ଜଣ ପରୀକ୍ଷାର୍ଥୀ, ନାନ୍ଦୁପଲା କେନ୍ଦ୍ରରେ ୧୨୭ରୁ ୫ଜଣ ପରୀକ୍ଷାର୍ଥୀ, ଫୁଲକିମୁଣ୍ଡା କେନ୍ଦ୍ରରେ ୧୦୮ରୁ ୯ ଜଣ ପରୀକ୍ଷାର୍ଥୀ, ମାଲପଡ଼ା ପରୀକ୍ଷା କେନ୍ଦ୍ରରେ ୨୦୮ରୁ ୨ ଜଣ ପରୀକ୍ଷାର୍ଥୀ, ଲାଠୋର ପରୀକ୍ଷା କେନ୍ଦ୍ରରେ ୧୪୯ରୁ ୩ ଜଣ ପରୀକ୍ଷାର୍ଥୀ, ଧାଣ୍ଡାମୁଣ୍ଡା ପରୀକ୍ଷା କେନ୍ଦ୍ରରେ୧୮୪ରୁ ୮ଜଣ ପରୀକ୍ଷାର୍ଥୀ, ମାଟିଆଭଟା ପରୀକ୍ଷା କେନ୍ଦ୍ରରେ ୧୭୨ରୁ ୧୯ ଜଣ ପରୀକ୍ଷାର୍ଥୀ ଓ ଲୁହାସିଂହା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୮୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ସୂଚନା ମିଳିଛି। ତେବେ ପରୀକ୍ଷା କେନ୍ଦ୍ର ଗୁଡିକରେ ଶାନ୍ତି ଶୃଙ୍ଖଳା ସହିତ ପରୀକ୍ଷା ହୋଇଥିବା ଜଣା ପଡ଼ିଛି।

# ବଞ୍ଚିତ ପରିବାରକୁ ବିଦ୍ୟୁତ୍ ସଂଯୋଗ

**ତୁରେକେଲା, ୨୧।୨(ସମିସ):** ବଣପାହାଡ଼ ଭିତରେ ଜୀବନଯାପନ କରୁଥିବା ୧୨ ଟି ପରିବାରକୁ ବିଦ୍ୟୁତ୍ ବିଭାଗ ବିଦ୍ୟୁତ୍ ସେବାରୁ ବଞ୍ଚିତ କରିଥିବା ନେଇ 'ସକାଳ'ରେ ଖବର ପ୍ରକାଶିତ ହେବା ପରେ ତତ୍ପରତା ପ୍ରକାଶ କରିଛି ବିଭାଗ। ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଥିବା ୧୨ଟି ପରିବାରକୁ ବିଦ୍ୟୁତ୍ ସଂଯୋଗ ଦେଇଛି।ସୂଚନା ଅନୁସାରରେ ଜିଲ୍ଲାର ଉପାନ୍ତ ତୁରେକେଲା ବ୍ଲକର ଲାଲଗଡ଼ ଭାବେ ପରିଚିତ କୁଆଁବାହାଲି ଝରଣ ଗାଁ। ଘଞ୍ଚ ଜଙ୍ଗଲ ବଣପାହାଡ଼ ତଳେ ବହୁ ଆଦିବାସୀ ସମ୍ପ୍ରଦାୟର ପରିବାରଜୀବନ ବିତାଉଛନ୍ତ। ଗତ ଡିସେମ୍ବର ମାସରେ ଟାଟା ପାୱାର କର୍ମଚାରୀ ଗାଁ ବିଦ୍ୟୁତ୍ ବିଲ୍ ଟଙ୍କା ସଂଗ୍ରହ କରିବାକୁ ଯାଇଥିଲେ। ସେଠାରେ ଥିବା ୧୨ ଟି ପରିବାର ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ବକେୟା ପାଉଣା ନ ଦେଇଥିବା ଅଭିଯୋଗ ଆଣି ପ୍ରାୟ ବିଦ୍ୟୁତ୍ ସଂଯୋଗରୁ ବଞ୍ଚିତ କରିଥିଲେ। ପ୍ରାୟ ୨ ମାସରୁ ଅଧିକ ସମୟ ହେଲା ସେମାନେ ବିଦ୍ୟୁତ୍ ସେବାରୁ ବଞ୍ଚିତ ରହିଥିବା 'ସକାଳ'ରେ ଖବର ପ୍ରକାଶିତ ପରେ ୧୨ପରିବାରକୁ ପୁଣି ଥରେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଛି। ସେଥିପାଇଁ ୧୨ପରିବାର 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି।

ସକାଳ THE SAKALA ପ୍ରଭାବ

# ଟ୍ରାଫିକ୍ ବିଭାଗର କାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ

**ବଲାଙ୍ଗିର, ୨୧।୨(ସମିସ):** ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ପିପି ଏକାଡେମୀ ସ୍କୁଲ ସମ୍ମୁଖରେ ଏକ ଟ୍ୟାଙ୍କର ଗାଡ଼ିକୁ ଅଟକାଇଥିଲା ଟ୍ରାଫିକ ପୁଲିସ। ଗାଡ଼ିକୁ ଅଟକାଇବା ପରେ ସେଠାରେ ଲୋକଙ୍କ ଭିଡ ଜମିଥିଲା। ପଚରାଉଚୁରା କରିବା ପରେ ଜଣାପଡ଼ିଥିଲା ପାଟଣାଗଡ଼ ପଟୁ ଗାଡ଼ି ନୋ ଏଣ୍ଟ୍ରି ପଏଣ୍ଟ କ୍ରସ କରି ଆସିଛି। ନୋ ଏଣ୍ଟ୍ରି ସମୟରେ ସହର ଭିତରକୁ ଭାରୀଯାନ ପ୍ରବେଶ କରିବା ନେଇ ସହରବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ନୋଏଣ୍ଟ୍ରି ପଏଣ୍ଟଦେଇ ସହର ଭିତରକୁ ଗାଡି କେମିତି ଆସିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। କାର୍ଯ୍ୟରତ କର୍ମଚାରୀମାନେ ଟଙ୍କା ନେଇ ଗାଡ଼ି ଛାଡିଦେଉଥିବା ଆଲୋଚନା ହେଉଛି।

## ଦେଓଗାଁ ବ୍ଲକ୍‌ରେ ପରୀକ୍ଷା ଦେଲେ ୧୨୯୮ ଛାତ୍ରଛାତ୍ରୀ

# ଆସିଲେନି ୪୭ ପିଲା

**ଦେଓଗାଁ, ୨୧।୨(ସମିସ):**ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ୧୦ଟି କେନ୍ଦ୍ରରେ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ଦେଓଗାଁ, କୁତୁର୍ଲା, ବନ୍ଧପଡ଼ା, ବଡବାହାଲ, ଅର୍ଜୁନପୁର, ରାମଚନ୍ଦ୍ରପୁର, ଜରାସିଂହା, ସାଲେପାଲି, ଉପରଝର, କରୁଆଁଝର ଆଦି ୧୦ଟି କେନ୍ଦ୍ରରେ ବ୍ଲକର ୨୮ଟି ହାଇସ୍କୁଲର ୧୨୯୮ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ତନ୍ମଧ୍ୟରୁ କରୁଆଁଝର କେନ୍ଦ୍ରରେ ୧୧ଜଣ, ବନ୍ଧପଡ଼ାରେ ୯, ଅର୍ଜୁନପୁରରେ ୮, ସାଲେପାଲିରେ ୬, କୁତୁର୍ଲାରେ ୫, ଉପରଝରରେ ୩, ବଡବାହାଲରେ ୩, ଜରାସିଂହାରେ ୨ ମୋଟ ୪୭ଜଣ ଛାତ୍ରଛାତ୍ରୀ ଉକ୍ତ କେନ୍ଦ୍ରମାନଙ୍କରେ ଅନୁପସ୍ଥିତଥିବା ନୋଡାଲ ଅଧିକାରୀ ଅମ୍ବରିଶ ଭୋଇ ସୂଚନା ଦେଇଛନ୍ତି।ବ୍ଲକର ଉପାନ୍ତରେ ଥିବା ବିଦ୍ୟାଳୟ ଗୁଡିକରେ ଅନେକ ଛାତ୍ରଛାତ୍ରୀ ଅଧାରୁ ପାଠପଢ଼ା ଛାଡିଦେଇଥିବା ବେଳେ ତାଙ୍କୁ ପୁଣି ବିଦ୍ୟାଳୟକୁ ଫେରାଇ ଆଣି ନାମ ଲେଖାଇ ପାଠପଢ଼ିବାକୁ ଶିକ୍ଷକ ମାନେ ଅନେକ ଉଦ୍ୟମ ଜାରୀରଖିଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟ ଗୁଡିକରେ ଉପସ୍ଥାନ ଖାତାରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ରହୁଥିବା ସ୍ଥଳେ ବିଦ୍ୟାଳୟରେ କେବେ ତାଙ୍କୁ ଦେଖା ମିଳେନାହିଁ।ଉପାନ୍ତ ଅଞ୍ଚଳର ଗରିବ ପରିବାର ପ୍ରତିବର୍ଷ ଦାଦନ ଖଟିଯିବା ଏକ ସ୍ୱାଭାବିକ ପ୍ରକ୍ରୀୟା। ବର୍ତ୍ତମାନ ଅନେକ ପରିବାର ବାହାର ରାଜ୍ୟରେ ଦାଦନ ଖଟୁଥିବାରୁ ପ୍ରାୟତଃ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାରୁ ବଞ୍ଚିତ ପଡ଼ିଥିବା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ଜିଲ୍ଲା ପ୍ରଶାସନ ଗମ୍ଭୀରତାର ସହ ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଝରିଆଲରେ ମହାଶିବରାତ୍ରି ମେଳା ଓ ୬୪ ଯୋଗିନୀ ମହୋତ୍ସବ

# ମନ୍ତ୍ରୀ, ବିଧାୟକ, ପ୍ରଶାସନିକ ଅଧିକାରୀଙ୍କୁ ନିମନ୍ତ୍ରଣ

**ବଙ୍ଗୋମୁଣ୍ଡା, ୨୧।୨(ସମିସ):** ୬୪ ଯୋଗିନୀ ପୀଠରେ ମହାଶିବରାତ୍ରି ମେଳା ଓ ଚଉଷଠି ଯୋଗିନୀ ମହୋତ୍ସବ ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ରାଣୀପୁର ଝରିଆଲ।ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକରେ ସ୍ଥିତ ପ୍ରାକ୍ ଐତିହାସିକସ୍ଥଳୀ ତଥା ଆଦି ଯୋଗିନୀ ପୀଠ ରାଣୀପୁର ଝରିଆଲରେ ମହାଶିବରାତ୍ରି ମେଳା ଓ ମହୋତ୍ସବ ପାଳନ କରାଯିବ ନେଇ ରାଣୀପୁର ଝରିଆଲ ଟ୍ରଷ୍ଟ କମିଟିର ଅଧ୍ୟକ୍ଷ ଲକ୍ଷ୍ମଣ ବାଗ, ସଭାପତି ମାଣିକ ଚନ୍ଦ ଜୈନ ଓ ଆବାହକ ଅନିଲ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଆସନ୍ତା ୨୫ ତାରିଖରୁ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ମହାଶିବରାତ୍ରି ମେଳା ଓ ୨୬ରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଆୟୋଜନ ହେବ।ରାଣୀପୁର ଝରିଆଲ ପୀଠକୁ ଏଏସଆଇ ନିଜ ହାତକୁ ନେବାପରେ ଅଦ୍ୟାବଧି କୌଣସି ମୌଳିକ ସୁବିଧା ଯୋଗାଇବାରେ ସକ୍ଷମ ହୋଇନଥିଲେ ହେଁ ପିଠରେ ମହାଶିବରାତ୍ରି ମେଳା ଓ ମହୋତ୍ସବରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥାଏ। କଣ୍ଟାବାଞ୍ଜି ବିଧାୟକ



ତଥା ମେଳା ଓ ମହୋତ୍ସବର ଅଧ୍ୟକ୍ଷ ଶ୍ରୀ ବାଗଙ୍କ ନେତୃତ୍ୱରେ ଟ୍ରଷ୍ଟ କମିଟିର ଅନ୍ୟମାନଙ୍କ ସହ ଆବାହକ ଅନିଲ କୁମାର ତ୍ରିପାଠୀ, ରାଣୀପୁର ଝରିଆଲ ସରପଞ୍ଚ ଭରଦ୍ୱାଜ ଗହୀର, ଠେମରା ସରପଞ୍ଚ ଲକ୍ଷ୍ମୀକାନ୍ତ ବାଗ, ହେମନ୍ତ ସାହୁ ପ୍ରମୁଖ ଭୁବନେଶ୍ୱରଯାଇ ବିଭିନ୍ନ ବିଭାଗର ମନ୍ତ୍ରୀମାନଙ୍କୁ ୬୪ ଯୋଗିନୀ ମହୋତ୍ସବରେ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେବା ପାଇଁ ନିମନ୍ତ୍ରଣପତ୍ର ପ୍ରଦାନ କରାଯାଇଛି। ସେହିପରି ଆଉ ଏକ କମିଟିରେ ଟ୍ରଷ୍ଟ କମିଟି ସଭାପତି ମାଣିକ ଚନ୍ଦ ଜୈନ, ସିନ୍ଧେକେଲା ସମିତି ସଭ୍ୟ ଭୋଲାନାଥ ବେହେରା, ମଞ୍ଜୋସ ମେହେର, ଯୁବରାଜ ବାଗ, ନିତ୍ୟାନନ୍ଦ ପୃଷେଠ, ପ୍ରମୁଖ ବଲାଙ୍ଗିର ଜିଲ୍ଲାପାଳ, ଜିଲ୍ଲା ପୁଲିସ ଅଧିକ୍ଷକ, ଟିଟିଲାଗଡ଼ ଉପଜିଲ୍ଲାପାଳ, ଟିଟିଲାଗଡ଼ ଏସ୍‌ଡିପିଓ ପ୍ରମୁଖଙ୍କୁ ଭେଟି ନିମନ୍ତ୍ରିତ ଅତିଥି ଭାବେ ଯୋଗଦେବା ପାଇଁ ନିବେଦନ କରିଥିଲେ।ଏଥର ରାଜ୍ୟର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ, କଳାକାର ଓ ନେତା ଅଭିନେତା ମହୋତ୍ସବରେ ସାମିଲ ହେବା ପାଇଁ ସହମତି ଦେଇଥିବାରୁ କମିଟି ତରଫରୁ ସବୁପ୍ରକାର ବ୍ୟବସ୍ଥା କରାଯାଇଛି।

# ପୂର୍ଣ୍ଣଚନ୍ଦ୍ର ବେହେରା ଶୁଣ୍ଢି ସମାଜର କୁଳପତି

**କଣ୍ଟାବାଞ୍ଜି, ୨୧।୨(ସମିସ):** ନିଖିଳ ଉତ୍କଳ ସୁବର୍ଣ୍ଣ ଗ୍ରାହୀ ଶୁଣ୍ଢି ସମାଜର ମହାସଭା ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଠାରେ ଅନୁଷ୍ଠିତ ହୋଇଯାଇଛି। ମହାସଭାରେ ଓଡ଼ିଶାର କୋଣ ଅନୁକୋଣରୁ ଶହ ଶହ ସଂଖ୍ୟାରେ ମହାସଭାରେ ଯୋଗ ଦାନ କରିଥିଲେ। ପ୍ରଥମେ ଶୁଣ୍ଢି ସମାଜର ଇଷ୍ଟ ଦେବୀ ସୁବର୍ଣ୍ଣ ଗ୍ରାହୀ ଙ୍କୁ ପୂଜାର୍ଚ୍ଚନା କରି ସଭକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାରେ ସମାଜରେ ପ୍ରଚଳିତ ବିଭିନ୍ନ ପ୍ରକାର ନିୟମ କାନୁନକୁ ସଂଶୋଧନ କରି ଆଗାମୀ ଦିନରେ ଏକ ସୁସ୍ଥ ସମାଜ ଓ ଶକ୍ତିଶାଳୀ ଶୁଣ୍ଢି ସମାଜ ଗଠନ କରିବା ପାଇଁ ଉପସ୍ଥିତ ମଞ୍ଚାସିନ ବକ୍ତା ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଗୁରୁତ୍ୱାରୋପ କରିଥିଲେ। ନାରୀମାନେ ଶସକ୍ତ ଓ ଶିକ୍ଷାର ବୃଦ୍ଧି ହିଁ ସମାଜ ଆଗକୁ ଯିବ ଓ ସସକ୍ତ ହେବା ସହ ଯୁବପିଢ଼ି ଆଗେଇଲେ ହିଁ ଆଗାମୀ ଦିନରେ ସାରା ଓଡ଼ିଶାରେ ସୁବର୍ଣ୍ଣଗ୍ରାହୀ ଶୁଣ୍ଢି ସମାଜ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଶକ୍ତିଶାଳୀ ସମାଜ ଭାବେ ଅଞ୍ଚଳରେ ଉଭା ହେବା ସହିତ ଖ୍ୟାତି ଅର୍ଜନ କରିବ ବୋଲି ମଞ୍ଚାସିନ ବକ୍ତାମାନେ ମତ ବ୍ୟକ୍ତ ରଖିଥିଲେ। ଶେଷରେ



ସର୍ବସମ୍ମତି କ୍ରମେ ନିଖିଳ ଉତ୍କଳ ସୁବର୍ଣ୍ଣ ଗ୍ରାହୀ ଶୁଣ୍ଢି ସମାଜର ପରିଚାଳନା କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିରେ ପୂର୍ବତନ ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷ ସମାଜସେବୀ ପୂର୍ଣ୍ଣ ଚନ୍ଦ୍ର ବେହେରାଙ୍କୁ ସର୍ବ ସ୍ମତି କ୍ରମେ ଅଲ ଓଡ଼ିଶା ପ୍ରାନ୍ତ ଶୁଣ୍ଢି ସମାଜର କୁଳପତି ଭାବେ ଚୟନ କରାଯାଇଛି।ସେହିପରି ଉପକୁଳପତି ଭାବେ ଦଶମୁ ବେହେରା, ତାରିଣୀସେନ ବେହେରା, ସମ୍ପାଦକ ହରିହର ବେହେରା, ସହସମ୍ପାଦକ ପୁଲସ୍ତି ବେହେରା, କ୍ଷାତିଶ ବେହେରା, କୋଷାଧ୍ୟକ୍ଷ ଡମ୍ବରୁ ବେହେରାଙ୍କୁ ମନୋନୀତ କରି ଶୁଣ୍ଢି ସମାଜର ସମସ୍ତ ଦାୟିତ୍ୱ ଭାର ପ୍ରଦାନ କରାଯାଇଛି।

# ବଞ୍ଚିବାକୁ ସଂଘର୍ଷ କରୁଛନ୍ତି ବୃଦ୍ଧା ବାସନ୍ତୀ

**କଣ୍ଟାବାଞ୍ଜି, ୨୧।୨(ସମିସ):** ଅତି ଗରିବ ଶ୍ରେଣୀ ପରିବାର ଅନ୍ୟ ପାଖରେ ମୁଲ ଲାଗିଲେ ଘରେ ଚୁଲି ଜଳେ। ଗାଁରେ କୌଣସି କାମ ଧନ୍ଦା ନ ପାଇବା ପରେ ପୁଅ ବୋହୂ ତାଙ୍କ ପିଲାଛୁଆକୁ ନେଇ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଛନ୍ତି। ଗତ କିଛି ବର୍ଷ ତଳେ ଅଜଣା ରୋଗରେ ଆକ୍ରାନ୍ତ ହୋଇ ଆଖି ବୁଜିଛନ୍ତି ସ୍ୱାମୀ। ଏବେ ଗାଁରେ ଏକା ଏକା ଭିନ୍ନକ୍ଷମ ବୃଦ୍ଧା ବାସନ୍ତୀ ବଞ୍ଚିବାକୁ ସଂଘର୍ଷ କରୁଛନ୍ତି। ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ଅନ୍ତର୍ଗତ



ବେହେରେନସିଲେଟ ଗାଁରେ ୮୦ ବର୍ଷିଆ ଭିନ୍ନକ୍ଷମ ବୃଦ୍ଧା ବାସନ୍ତୀ ମାଝୀଙ୍କ କାହାଣି। ପେଟ ପାଇଁ ରାଜ୍ୟ ବାହାରକୁ ପୁଅ ବୋହୂ ଦାଦନ ଯାଇଥିବା ବେଳେ ଗାଁରେ ସେ ଏକା ରହୁଛନ୍ତି। ସରକାର ଗରିବଗୁରୁବାଙ୍କ ପାଇଁ ବହୁ ଯୋଜନା କରୁଥିବା ବେଳେ ଦାୟିତ୍ୱ ଥିବା କର୍ମଚାରୀଙ୍କ ଅବହେଳା ଯୋଗୁଁ ଯୋଜନାର ସୁବିଧାସୁଯୋଗ ପାଇବାରୁ ବଞ୍ଚିତ ବୃଦ୍ଧା ବାସନ୍ତି।ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ବୃଦ୍ଧା ଓ ତାଙ୍କ ପୁଅ-ବୋହୂ ଅର୍ନ୍ତଭୁକ୍ତ ଥିବା ବେଳେ ସେମାନେ ଗାଁରେ ରହୁନଥିବା କହି ଦାୟିତ୍ୱ ଥିବା ଅଫିସରମାନେ କେବଳ ବୃଦ୍ଧା ବାସନ୍ତୀଙ୍କୁ ୫ କେଜି ଚାଉଳ ଦେଉଛନ୍ତି। ୫କେଜି ଚାଉଳ ଏକ ମାସ ଯାଉନଥିବାରୁ ଅନେକ ସମୟରେ ସେ ଭୋକ ଉପାସରେ ଦିନ କାଟୁଥିବା କହିଛନ୍ତି।ସେହିପରି ବୃଦ୍ଧା ଜଣକଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବାର୍ଦ୍ଧକ୍ୟ ଭତ୍ତା ହାତରେ ପ୍ରଦାନ ନ କରି ବ୍ୟାଙ୍କ ଆକାଉଣ୍ଟରେ ଜମା କରୁଥିବା ଯୋଗୁଁ ବୃଦ୍ଧା ଜଣକଙ୍କ ବ୍ୟାଙ୍କ ଯାଇ ଭତ୍ତା ଟଙ୍କା ଆଣିବାକୁ ସକ୍ଷମ ନୁହନ୍ତି। ସେ ଗାଡି ଭଡ଼ା କରି ଟଙ୍କା ପାଇ ବ୍ୟାଙ୍କ ଗଲେ ୫ଶହ ଟଙ୍କା ଗାଡି ଭଡ଼ାରେ ଖର୍ଚ୍ଚ ହେବ। ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ବାସନ୍ତୀଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବା ସହ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରି ମାସକୁ ୩୫ କେଜି ଚାଉଳ ଯୋଗାଇ ଦେବାକୁ ଦାବି ହୋଉଛି।

## ମାଟ୍ରିକ ପରୀକ୍ଷାର ପ୍ରଥମ ଦିନ

# ପରୀକ୍ଷା ଦେବାକୁ ଆସିଲେନି ୭୩୭ ପିଲା



**ବଲାଙ୍ଗିର, ୨୧।୨(ସମିସ):** ଫେବୃଆରୀ ୨୧ ତାରିଖ ଦିନ ସାରା ରାଜ୍ୟରେ ମାଟ୍ରିକ ପରୀକ୍ଷା ହୋଇଥିବା ବେଳେ ବଲାଙ୍ଗିର ଜିଲ୍ଲାରେ ମଧ ହୋଇଥିଲା। ଜିଲ୍ଲାର ୧୬୮ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ହୋଇଥିବା ବେଳେ ପ୍ରଥମ ଦିନରେ ମୋଟ ୨୨ ହଜାର ୪୨ ପିଲା ପରୀକ୍ଷା ଦେଇଥିବା ଜଣାପଡ଼ିଛି। ପ୍ରଥମ ଦିନ ପରୀକ୍ଷାରେ ୭୩୭ ପିଲା ପରୀକ୍ଷା ଦେବାକୁ ଆସିନଥିବା ଜଣାପଡ଼ିଛି। ଜିଲ୍ଲାର ୧୪ଟି ବ୍ଲକ ଏବଂ ବଲାଙ୍ଗିର ସହରର ବିଭିନ୍ନ ପରୀକ୍ଷା କେନ୍ଦ୍ରରୁ ଅନୁପସ୍ଥିତ ପରୀକ୍ଷାର୍ଥୀମାନେ ରହିଥିବା ଜଣାପଡ଼ିଛି। ପ୍ରଥମ ଦିନରେ ସାହିତ୍ୟ ପରୀକ୍ଷା ଥିବାବେଳେ କୌଣସି ପିଲା ପରୀକ୍ଷା ସମୟରେ ଅନିୟମିତତା କରିନଥିବା ଜଣାପଡ଼ିଛି।

# ବିଶ୍ୱ ମାତୃଭାଷା ଦିବସ ପାଳିତ

**ଖପ୍ରାଖୋଲ, ୨୧।୨(ସମିସ):**ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକଙ୍କ ତାଲିମ ଶିବିରରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାଧନ କର୍ମୀ ଜିତେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଥିଲା। କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବରେ ବରିଷ୍ଠ ଶିକ୍ଷୟିତ୍ରୀ ସତ୍ୟଭାମା ସାହୁ, ମୁଖ୍ୟବକ୍ତା ଭାବରେ ଧରମ ସିଂ ଧରୁଆ, ସମ୍ମାନିତ ଅତିଥି ଭାବରେ ମକାରୁ ଭୁଏ, ନାରାୟଣ କିଷାନ, ଦିବାକର ମହାପାତ୍ର, ସାଧନକର୍ମୀ ଶେଷଦେବ ବେହେରା ପ୍ରମୁଖ ଯୋଗଦେଇ ମାତୃଭାଷା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ ସଭାକୁ ସାଧନକର୍ମୀ ମନୋରଞ୍ଜନ ବାରିକ ସଂଯୋଜନା କରିଥିବାବେଳେ, ଗୋଲାପ ବିଶି ଶପଥ ପାଠ କରାଇ ଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଟୁନୁ ଶବର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**କଣ୍ଟାବାଞ୍ଜି:** କଣ୍ଟାବାଞ୍ଜି କେଭି ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ ସଞ୍ଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଭାଗୀୟ ଆଧ୍ୟାପକ ପ୍ରଦ୍ୟୁମ୍ନ ବାଗ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ।ସ୍ନାତକୋତ୍ତର ଓଡ଼ିଆ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଯାଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାରେ ମାତୃଭାଷା ଏକ ଜାତିର ଉତ୍‌ଥାନ ପାଇଁ ଏକ ଶକ୍ତିଶାଳୀ ଓ ମହାନ ଅସ୍ତ୍ର ବୋଲି ମତ ପ୍ରକାଶ ପାଇଥିଲା। ଭାଷା, ଭାବ, ସଂସ୍କୃତି ଓ ପରମ୍ପରାକୁ ନେଇ ପ୍ରତିପାଳିତ ହୁଏ ବୋଲି ଛାତ୍ରଛାତ୍ରୀ ମତ ଦେଇଥିଲେ। ଛାତ୍ର ବେଣୁଧର ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

**ତୁରେକେଲା:** ତୁରେକେଲା ଆଞ୍ଚଳିକ ସାଧନକେନ୍ଦ୍ର ଅନ୍ତର୍ଗତ ବିଦ୍ୟାଳୟମାନଙ୍କରେ ମାତୃଭାଷା ଦିବସ ପାଳିତ ହୋଇଛି। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ତୁରେକେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀର ଚରଣ ବିଶି ମୁଖ୍ୟଅତିଥି, ଶିଶୁ ସାହିତ୍ୟିକ ବିରଞ୍ଚି ନାରାୟଣ ଦାଶ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ।ପ୍ରଧାନ ଶିକ୍ଷୟିତ୍ରୀ ମାଧବୀଲତା ସାହୁ ସଭା ପରିଚାଳନା ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।ଶିକ୍ଷୟିତ୍ରୀ ନିବେଦିତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ, ବକ୍ତୃତା ଓ ଶ୍ରୁତ ଲିଖନ କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା।ଲର୍କି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ବିରଞ୍ଚି ନାରାୟଣ ଦାଶ ଛାତ୍ରଛାତ୍ରୀଙ୍କୁ ମାତୃଭାଷା ଦିବସର ମହତ୍ୱ ଉପରେ ବକ୍ତବ୍ୟ ରଖିଥିଲେ।ପ୍ରଧାନଶିକ୍ଷକ ରବୀନ୍ଦ୍ର ରଥ, ଟିକେଶ୍ୱରୀ ସେଠ, ବିନୋଦିନୀ ତାଣ୍ଡୀ, ରଜନୀ ମେହେର ଉପସ୍ଥିତ ଥିଲେ।ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଶ୍ରୀ ଦାଶ ଅତିଥି ଭାବରେ ଯୋଗଦେଇ ଗଳ୍ପ ମାଧ୍ୟମରେ ମାତୃଭାଷାର ଉପକାରିତା ଉପରେ ବୁଝେଇଥିଲେ।ପ୍ରଧାନ ଶିକ୍ଷୟିତ୍ରୀ ସୁଭଦ୍ରା ମେହେର ଓ ଧରିତ୍ରୀ ମେହେର ମାତୃଭାଷାରେ କିପରି ଗପ କହିବେ ପ୍ରୋତ୍ସାହିତ କରିଥିଲେ।ସେହିପରି ତୁରେକେଲା ଆଶ୍ରମ ବିଦ୍ୟାଳୟ, ବକବାହାଲ, ଗଇଁତାପଡ଼ା, ବାଞ୍ଜିପାଲି, ବାଗବେଲ, ଗଞ୍ଜାଉଡାର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଦେବ ବରଗର୍ତ୍ତୀ, ପାର୍ଥିବ ମହାନନ୍ଦ, ଗୋପାଳ ଧରୁଆ, ସୂର୍ଯ୍ୟମଣି ସିଠ, ସୁକାନ୍ତି ମାଝୀ, ରାଜ କିଶୋର ନାଗ, ସୁରୁମଣି ମେହେର, ଧର୍ମବନ୍ତୀ ପୁଟା, ଡମ୍ବରୁ ମେହେର, ପ୍ରଫୁଲ୍ଲ ମାଝୀ, ପୀତାମ୍ବର ଲୁହା ପାଳନ କରିଥିଲେ।

# ତମିଆଁ ମୁଦଲସର ସୁକତେଲ ସେତୁ ଭୁଶୁଡ଼ିବା ଆଶଙ୍କା

**ପାଟଣାଗଡ଼, ୨୧।୨(ସମିସ)**



## ନିର୍ମାଣକାରୀ ଠିକା ସଂସ୍ଥାକୁ ଅନୁକମ୍ପା

## କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ତମିଆଁ ମୁଦଲସର ସୁକତେଲ ସେତୁ ଭୁଶୁଡିବା ଆଶଙ୍କା ଘଟଣା 'ସକାଳ'ରେ ଖବର ପ୍ରକାଶ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଯେଉଁ ଠିକା ସଂସ୍ଥା ସେତୁ ନିର୍ମାଣ କରିଥିଲା ବିଭାଗ ଭିତିରିଆ ଘଣ୍ଟ ଘୋଡାଇବା ପାଇଁ ଚେଷ୍ଟା କରୁଥିଲା। ସ୍ପାନ୍ ଗୁଡିକରେ ଫାଟ ହେବା ଘଟଣା ପ୍ରଘଟ ପରେ ଏବେ ବିଭାଗର ବଡ଼ ବାବୁମାନେ କିଭଳି ଘଟଣାକୁ ଚାପି ଦିଆଯିବ ଓ ଠିକା ସଂସ୍ଥାକୁ ଅନୁକମ୍ପା ଦିଆ ଯାଇପାରିବ ପ୍ରୟାଶ ଜାରି ରଖିଛନ୍ତି। ସୂଚନାଯୋଗ୍ୟ ଯେ ଗତ୨୦୧୬-୧୭ରେ ସେତୁର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ପୂର୍ବରୁ ହିଁ ବିଭାଗର ଅଧିକାରୀଙ୍କୁ ହାତ ବାରିଶି କରି ଠିକା ସଂସ୍ଥା ପୁରସ୍କାର ରାଶି ହାତେଇବା ପାଇଁ ସମୟ ଅବଧି ଭିତରେ ତରବରିଆ ଭାବରେ ନିମ୍ନମାନର କାର୍ଯ୍ୟ କରି ସେତୁ ନିର୍ମାଣ ସମ୍ପୂର୍ଣ୍ଣ କରି ଦେଇଥିଲା। ବିଭାଗ ମଧ୍ୟ ଅବଧି ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବାରୁ ଠିକା ସଂସ୍ଥାକୁ ସବାସୀଦେଇ ପୁରସ୍କୃତ କରିଥିଲା। କିନ୍ତୁ ସେତୁ ନିର୍ମାଣର ଚାରି ବର୍ଷ ପରେ ନିମ୍ନମାନର କାର୍ଯ୍ୟ ହୋଇଥିବା ଘଟଣା ପ୍ରଘଟ ହୋଇଥିଲା ଓ ସେତୁ ଭୁଶୁଡି ଦୁଇ ଜଣ ଶ୍ରମିକଙ୍କ ପ୍ରାଣହାନି ଘଟିଥିଲା। ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଠିକା ସଂସ୍ଥାକୁ କଳା ତାଲିକା ଭୁକ୍ତ ମଧ କରିଥିଲେ। କିନ୍ତୁ ବିଭାଗ ଚଞ୍ଚକତା କରି ଭିତିରିଆ ଅନ୍ୟଜଣକୁ କାର୍ଯ୍ୟ ହସ୍ତାନ୍ତର କରିଥିଲେ ମଧ ପରୋକ୍ଷରେ ସେହି ଠିକା ସଂସ୍ଥା ଉପରିସ୍ଥ ଅଧିକାରୀଙ୍କୁ ହାତବାରିଶୀ କରି ପୁଣି ସେହି କାର୍ଯ୍ୟ କରିଥିଲା। ସେ ସମୟର ତତ୍କାଳୀନ ଏସଡ଼ିଓ ନିଜକୁ ବଞ୍ଚାଇବା ପାଇଁ ପ୍ରାଣପଣେ ଉଦ୍ୟମ କରିଥିଲେ ଓ ପରେ ଯୋଗଦେଇଥିବା ସହକାରୀ ଯନ୍ତ୍ରୀକୁ ବିଭାଗ ବଳି ପକାଇ ଦେଇଥିଲା। ବର୍ତ୍ତମାନ ସେତୁର ସ୍ପାନ ଗୁଡିକରେ ଫାଟ ସୃଷ୍ଟି ହେବା ଓ ଉପର ଭାଗରେ ଥିବା ସ୍ପାନରେ ପ୍ରସାରିତ ହେବା ନିମ୍ନମାନର କାର୍ଯ୍ୟ ହୋଇଥିବା ସ୍ପଷ୍ଟ ପ୍ରମାଣିତ ହେଉଛି। ତଥାପି ମଧ ବିଭାଗ ଜାଣିଶୁଣି ଠିକା ସଂସ୍ଥାକୁ ଅନୁକମ୍ପା ଦେଖାଇ ଚାଲିଛି। ଅନ୍ୟପଟେ ଅଞ୍ଚଳବାସୀଙ୍କ ମଧ୍ୟରେ ଏ ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ସହ କେତେବେଳେ ଯେ ଆନ୍ଦୋଳନର ରୂପ ନେବ କିଛି କୁହାଯାଇନପାରେ। ମିଳିଥିବା ସୂଚନାନୁସାରେ ଅଞ୍ଚଳବାସୀ ସେତୁର ନିମ୍ନମାନର କାର୍ଯ୍ୟ ପାଇଁ ବାରମ୍ବାର ଅପଦସ୍ଥ ହେଉଛନ୍ତି ଓ ବିଭାଗ ଠିକା ସଂସ୍ଥାକୁ ବାରମ୍ବାର ଅନୁକମ୍ପା ଦେଖାଇ ଆସୁଛି। ଏନେଇ ବିଭାଗ ଠିକା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନକୁ ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି।

# ପ୍ରଥମଦିନ ମାତୃଭାଷାରେ ଉତ୍ସାହିତ ଛାତ୍ରଛାତ୍ରୀ

## କଳାହାଣ୍ଡିରେ ମାଟ୍ରିକ ପରୀକ୍ଷା ଦେଲେ ୧୯ ହଜାର ୨୧୮ ଛାତ୍ରୀଛାତ୍ର

**୩୫୪ ଜଣ ଅନୁପସ୍ଥିତ**

**ଭବାନୀପାଟଣା, ୨୧।୨ (ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ମାତୃଭାଷା ଓଡିଆ ପରୀକ୍ଷା ହୋଇଛି। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲ୍ଲାରେ ୧୩୨ଟି ପରୀକ୍ଷା କେନ୍ଦ୍ରରେ ଚଳିତ ବର୍ଷ ୧୯ ହଜାର ୨୧୮ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ୧୯ ହଜାର ୫୭୨ ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ୩୫୪ ଜଣ ଅନୁପସ୍ଥିତ ରହିଥିଲେ। ଭବାନୀପାଟଣା ବ୍ରଜ ବିହାର ଶିଶୁ ମନ୍ଦିରଠାରେ ହୋଇଥିବା ଏସଆଇଓଏସ ପରୀକ୍ଷାରେ ୧୫୭ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୨୪ ଜଣ ପରୀକ୍ଷା ଦେଇଥିଲେ। ୩୩ ଜଣ ଅନୁପସ୍ଥିତ ଥିଲେ। ଚଳିତ ବର୍ଷ କପି ରୋକିବାକୁ ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିରେ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯିବା ସହ ଯାଞ୍ଚ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ୩ଟି ସ୍କ୍ୱାଡ୍, ସେଣ୍ଟ୍ରାଲ ସ୍କ୍ୱାଡ୍ ଓ ଜିଲାପାଳଙ୍କ ପକ୍ଷରୁ ପ୍ରତ୍ୟେକ ବ୍ଲକରେ ବିଡ଼ିଓ, ବିଇଓଙ୍କୁ ମିଶାଇ ଗୋଟିଏ ଲେଖାଏଁ ସ୍କ୍ୱାଡ୍ କରାଯାଇଛି। ତଥାପି କୋକସରା ବ୍ଲକରେ ସେଣ୍ଟ୍ରାଲ ସ୍କ୍ୱାଡ୍ ଦ୍ୱାରା ପରୀକ୍ଷାରେ କପି କରୁଥିବା ଦୁଇ ଛାତ୍ର ଧରା ପଡ଼ିଛନ୍ତି।

## ୨୩ ଅନୁପସ୍ଥିତ; ୨ ଏକ୍ସପେଲ୍ଡ

**କୋକସରା, ୨୧।୨(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଛାତ୍ରଛାତ୍ରୀ ସାହିତ୍ୟ ବିଷୟରେ ପରୀକ୍ଷା ଦେଇଛନ୍ତି। କୋକସରା ବ୍ଲକରେ ଚଳିତ ବର୍ଷ ୧୦ଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୫୧୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ସେଥି ମଧ୍ୟରୁ ପ୍ରଥମ ଦିନରେ ବିଭିନ୍ନ ବିଦ୍ୟାଳୟର ୨୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ସୂଚନା ମିଳିଛି। ବ୍ଲକ ସଦର ମହକୁମା ଜବାହର ଉଚ୍ଚ ବିଦ୍ୟାପୀଠ ନୋଡାଲ କେନ୍ଦ୍ରଠାରେ ୪ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବାବେଳେ ଟେମର ଇନ୍ଦିରା ମେମୋରିଆଲ ହାଇସ୍କୁଲରେ ୭ଜଣ, ଇନ୍ଦ୍ରାବତୀ ସରକାରୀ ଉଚ୍ଚ ବିଦ୍ୟାଳୟ ଡଙ୍ଗରୀଗୁଡାରେ ୨ଜଣ, ନେଗୀଗୁଡା ହାଇସ୍କୁଲରେ ୨ଜଣ, ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ମାଝୀଗୁଡାରେ ୪ଜଣ, ଏସ୍ଏସଡି ସ୍କୁଲ ଆମପାଣିରେ ୨ ଜଣ ଅନୁପସ୍ଥିତ ରହିଥିବାବେଳେ କାଉଡୋଲା ପଞ୍ଚାୟତ ହାଇସ୍କୁଲ ଓ ଆମପାଣି ବୁଢ଼ରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଣେ ଲେଖାଁଏ ପରୀକ୍ଷାର୍ଥୀ କୌଣସି କାରଣରୁ ଅନୁପସ୍ଥିତ ରହିଥିଲେ। ନୋଡାଲ ପରୀକ୍ଷା କେନ୍ଦ୍ର ଅଧିକାରୀ ତଥା କୋକସରା ଜବାହର ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସୁଧୀର ପଣ୍ଡା ସୂଚନା ଦେଇଛନ୍ତି। ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସେଣ୍ଟ୍ରାଲ ସ୍କ୍ୱାଡ୍ ଟିମ୍ ସହ ଫ୍ଲାଇଂ ସ୍କ୍ୱାଡ୍‌ରେ କୋକସରା ବିଡ଼ିଓ ଡ. ହିମାଞ୍ଜଳ ମାଝୀ ଓ ଭାରପ୍ରାପ୍ତ ବିଇଓ ତୋଫାନ ମାଝୀ ପ୍ରମୁଖ ବିଭିନ୍ନ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ ନୋଡାଲ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ରହିଥିଲେ। ତେବେ ପ୍ରଥମ ଦିନ ପରୀକ୍ଷା ସୁରୁଖୁରୁରେ ହୋଇଥିବାବେଳେ ମାଝୀଗୁଡା ସେଣ୍ଟରରେ ୨ଜଣ ପରୀକ୍ଷାର୍ଥୀ ଏକ୍ସପେଲ୍ଡ ହୋଇଥିବା ସୂଚନା ମିଳିଛି।

## ଥୁଆମୂଳ ରାମପୁର ବ୍ଲକରେ ୨୪ ଅନୁପସ୍ଥିତ

ଥୁଆମୂଳ ରାମପୁର, ୨୧।୨(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ୬ଟି କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷାର ପ୍ରଥମ ଦିନ ଶେଷ ହୋଇଛି। ବ୍ଲକର ୮୫୭ ଜଣ ଛାତ୍ରଛାତ୍ରୀଙ୍କ ଆଡମିଟ୍ କାର୍ଡ ଆସିଥିବା ବେଳେ ପ୍ରଥମ ଦିନରେ ୨୪ ଛାତ୍ରଛାତ୍ରୀ ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତଥିଲେ। ଥୁଆମୂଳ ରାମପୁର ନୋଡାଲ ହାଇସ୍କୁଲ କେନ୍ଦ୍ରର ୪ ଜଣ, ଶିରିମସ୍କା କେନ୍ଦ୍ରର ୪, ଡୁମେରପଦର କେନ୍ଦ୍ରର ୪, ଗୁଣପୁର ପରୀକ୍ଷା କେନ୍ଦ୍ରର ୧୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଆସି ନଥିଲେ।

● ୮ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେଲେ ୧୦୮୬ ଛାତ୍ରଛାତ୍ରୀ

## ଅନୁପସ୍ଥିତ ରହିଲେ ୧୫ ପରୀକ୍ଷାର୍ଥୀ

**ଲାଞ୍ଜିଗଡ଼, ୨୧।୨(ସମିସ):** ଲାଞ୍ଜିଗଡ଼ ବ୍ଲକର ୨୩ଟି ବିଦ୍ୟାଳୟ ଓ ନର୍ଲା ବ୍ଲକର ଗୋଟିଏ ବିଦ୍ୟାଳୟର ୧୧୦୧ ଛାତ୍ରଛାତ୍ରୀ ଦଶମ ବୋର୍ଡ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ଲାଞ୍ଜିଗଡ଼ ବ୍ଲକର ୮ଟି ପରୀକ୍ଷା କେନ୍ଦ୍ରରେ ୧୦୮୬ ଜଣ ପରୀକ୍ଷା ଦେଇଛନ୍ତି। ୧୫ ଜଣ ଛାତ୍ରଛାତ୍ରୀ କୌଣସି କାରଣରୁ ଅନୁପସ୍ଥିତ ଥିବା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଯୋଡ଼ାବନ୍ଧ, ପୋଖରିବନ୍ଧ ଓ ଲାଞ୍ଜିଗଡ଼ରୋଡ ଉଚ୍ଚ ବିଦ୍ୟାଳୟର ୧୩୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଲାଞ୍ଜିଗଡ଼ ଉଚ୍ଚ ବିଦ୍ୟାଳୟରେ ବିଶ୍ୱନାଥପୂର, ତ୍ରିଲୋଚନପୁର ଓ ବେନଗାଁ ଉଚ୍ଚ ବିଦ୍ୟାଳୟର ୧୪୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଲାଞ୍ଜିଗଡ଼ ଏସଏସଡି ଉଚ୍ଚ ବିଦ୍ୟାଳୟରେ ଛତ୍ରପୁର ବାଟେଲିମା, ବାଣୀପଙ୍ଗା ଓ ଲାଞ୍ଜିଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ୧୩୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଲାଞ୍ଜିଗଡ଼ ରୋଡ ଉଚ୍ଚ ବିଦ୍ୟାଳୟରେ ମଧୁପୁର, କାଉଗୁଡ଼ା ଓ କମର୍ଦ୍ଧା ଉଚ୍ଚ ବିଦ୍ୟାଳୟର ୧୫୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଲାଖବାହାଲି ଉଚ୍ଚ ବିଦ୍ୟାଳୟରେ ପାହାଡ଼ପଦର, ମାଲିଯୁବାଙ୍ଗ ଓ ବିଜେପୁର ଉଚ୍ଚ ବିଦ୍ୟାଳୟର ୬୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ବେନଗାଁ ଉଚ୍ଚ ବିଦ୍ୟାଳୟରେ କାନକୁଟରୁ, ମୂଷାନାଳ ଓ ଲାଖବାହାଲି ଉଚ୍ଚ ବିଦ୍ୟାଳୟର ୧୨୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ମଧୁପୁର ଉଚ୍ଚ ବିଦ୍ୟାଳୟରେ ଭୂର୍ତିଗଡ଼, ପାଣିମୁଣ୍ଡା ଓ ଶାନ୍ତପୁର ଉଚ୍ଚ ବିଦ୍ୟାଳୟର ୧୫୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଯୋଡ଼ାବନ୍ଧ ଉଚ୍ଚ ବିଦ୍ୟାଳୟରେ ଲାଞ୍ଜିଗଡ଼ ଏସଏସଡି ଓ ବନ୍ଧପାରି ଉଚ୍ଚ ବିଦ୍ୟାଳୟର ୧୮୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି।

## ୫୩ କେନ୍ଦ୍ରରେ ପରୀକ୍ଷା ଦେଲେ ୬୩୮୮ ଛାତ୍ରଛାତ୍ରୀ

ନୂଆପଡ଼ା, ୨୧।୨(ସମିସ): ନୂଆପଡ଼ା ଜିଲ୍ଲାରେ ଶୁକ୍ରବାର ପ୍ରଥମ ଦିନରେ ଜିଲ୍ଲାର ୫୩ଟି ପରୀକ୍ଷା କେନ୍ଦ୍ରରେ ମୋଟ ୬୩୮୮ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ବିଭିନ୍ନ କାରଣରୁ ୧୭୩ଜଣ ଅନୁପସ୍ଥିତ ରହିଥିବା କୁହାଯାଇଛି। ନିର୍ଦ୍ଧାରିତ ସମୟ ଅନୁସାରେ ଶୁକ୍ରବାର ପୂର୍ବାହ୍ନ ଠିକ୍ ୯ଟାବେଳେ ପରୀକ୍ଷା ଆରମ୍ଭ ହୋଇଥିଲା। ପୂର୍ବରୁ ନୋଡାଲ ପରୀକ୍ଷା କେନ୍ଦ୍ରଗୁଡ଼ିକରୁ ପ୍ରଶ୍ନପତ୍ର ସେଟ୍ ସବୁ ଠିକ୍ ସମୟରେ ପହଞ୍ଚିଥିବା ଦେଖାଯାଇଥିଲା। ସରକାରୀ ବାଳିକା ହାଇସ୍କୁଲ ପରିସରରେ ଅନ୍ତେବାସୀ ଛାତ୍ରୀମାନଙ୍କୁ ଉତ୍ସାହିତ କରିବାକୁ ପ୍ରଧାନଶିକ୍ଷକ ମଧୁସୂଦନ ସାହୁଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷକ ଶିକ୍ଷୟିତ୍ରୀ ଓ ନବମ ଶ୍ରେଣୀ ଛାତ୍ରୀମାନେ ବନ୍ଦାପନା କରି ପରୀକ୍ଷାକେନ୍ଦ୍ରକୁ ବିଦାୟ ଦେଇଥିଲେ। ଅନ୍ୟପକ୍ଷେ ନ୍ୟାସନାଲ ହାଇସ୍କୁଲ ନୋଡାଲ ପରୀକ୍ଷା କେନ୍ଦ୍ରରେ ମଧ୍ୟ ପିଲାଙ୍କୁ ବନ୍ଦାପନା କରି ସ୍ୱାଗତ କରାଯାଇଥିଲା। ସାଢ଼େ ୧୧ଟାବେଳେ ପରୀକ୍ଷା ଶେଷ ହୋଇଥିଲା। ଜିଲ୍ଲାବ୍ୟାପି ଜିଲ୍ଲା ଶିକ୍ଷା ବିଭାଗ, ଜିଲ୍ଲାପ୍ରଶାସନ ସମେତ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ନିଯୁକ୍ତ ସ୍କ୍ୱାଡ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି କପି ଧରପଗଡ଼ କରିଥିଲେ। ପୁଲିସ ବିଭାଗ ତରଫରୁ ମଧ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ପ୍ରତି ପରୀକ୍ଷାକେନ୍ଦ୍ର ପିଛା ଜଣେ ଲେଖାଏଁ ଅଭିଜ୍ଞ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଥିବାରୁ ପରୀକ୍ଷା ପରିଚାଳନା ସ୍ୱଚ୍ଛ ହୋଇଥିଲା। ପ୍ରଥମ ଦିନରେ ଗୋଟିଏ ହେଲେ ବି କେହି କପି କରୁଥିବା ଦେଖା ଯାଇନଥିଲା। ଜିଲ୍ଲାରେ ସମ୍ପୂର୍ଣ୍ଣ କପି ମୁକ୍ତ ପରୀକ୍ଷା ହୋଇଥିବା ଜିଲ୍ଲା ଶିକ୍ଷାଧିକାରୀ କରୁଣାକର ଭୁଏ କହିଛନ୍ତି। ରାଜ୍ୟ ବାହାରକୁ ଦାଦନ ଖଟିଯାଇଥିବା ବହୁ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରି ପରୀକ୍ଷାରେ ସାମିଲ କରାଯାଇଛି। ଆହୁରି ଅନେକ ବିଭିନ୍ନ କାରଣରୁ ଆସି ପାରିନାହାନ୍ତି ବୋଲି କହିଛନ୍ତି।

## ଶିବ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଯାତ୍ର

କୋକସରା, ୨୧।୨(ସମିସ): କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତର ଓଲମା ଗ୍ରାମରେ ନବ ନିର୍ମିତ ହୋଇଥିବା କାଳେଶ୍ୱର ମହାଦେବ ମନ୍ଦିର ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି। ଗୁରୁବାର ସନ୍ଧ୍ୟାରୁ ଅଙ୍କୁରାରୋପଣ, ଗର୍ଭାଧାର ସଂସ୍କାର ଓ କର୍ତ୍ତା ସଂସ୍କାର କାର୍ଯ୍ୟକ୍ରମ ହୋଇଥିଲା। ଶୁକ୍ରବାର ସକାଳୁ ମନ୍ଦିର ପରିସରରୁ ଶହ ଶହ ମହିଳା ଓ ପୁରୁଷଙ୍କ ଗହଣରେ ନାମ ସଂକୀର୍ତ୍ତନ ଦଳ ସହ ନିକଟସ୍ଥ ପୋଖରୀରୁ ପୂଜାର୍ଚ୍ଚନା ପରେ ଜଳପୂର୍ଣ୍ଣ କଳସ ଅଣା ଯାଇ ସ୍ଥାପନ କରାଯାଇଥିଲା। ଏହାପରେ ଦେବପୂଜନ, ଅନ୍ନାଧିବାସ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ଶନିବାର ଓ ରବିବାର ବିଭିନ୍ନ ପୂଜାକାର୍ଯ୍ୟ ରହିଛି। ସୋମବାର ସକାଳୁ ତ୍ରିଶୂଳ ଧ୍ୱଜା ରୋପଣ, ଚଣ୍ଡି ମନ୍ଦିର ତ୍ରିଶୂଳ ଧ୍ୱଜା ରୋପଣ ସହ ମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ହେବ। ନୟାଗଡ଼ର ଶ୍ରୀକାନ୍ତ ନାଏକ ଏବଂ ସହଯୋଗୀମାନେ ୭ ମାସ ପରିଶ୍ରମ କରି ଅତି ନିଖୁଣ ଭାବରେ ନିର୍ମାଣ କରିଛନ୍ତି। କର୍ତ୍ତା ଭାବେ କମଳ ଅଗ୍ରୱାଲ ଓ ତାଙ୍କ ସହଧର୍ମିଣୀ ବବିତା ଦେବୀ ଦାୟିତ୍ୱ ନିର୍ବାହ କରୁଛନ୍ତି। ଆଚାର୍ଯ୍ୟ ଗୋପାଳଜୀ ପ୍ରସାଦ ଠାକୁର, ବ୍ରହ୍ମା ଶ୍ରୀପତି ଠାକୁର, ସ୍ୱାସ୍ତିବାଚକ ଭାସ୍କର ଠାକୁର, ରୁଦ୍ରୀ ଅନିରୁଦ୍ଧ ଠାକୁର, ବିଶ୍ୱମ୍ଭର ଯୋଷୀ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। କାଳେଶ୍ୱର ମନ୍ଦିର ଟ୍ରଷ୍ଟ ସଭାପତି ଫୁଲଚନ ଶବର, ସାଧାରଣ ସମ୍ପାଦକ ସଞ୍ଜୀବ ପଣ୍ଡା, ମନ୍ଦିର ପୂଜକ ନିତ୍ୟାନନ୍ଦ ଶବର, ତ୍ରିନାଥ ଶବର, ଶେଷରଞ୍ଜନ ପଣ୍ଡା, ସୁମନ୍ତ ଅଗସ୍ତି, ଭୂପେନ୍ଦ୍ର ଶବର, ଉମାକାନ୍ତ ମାଝୀ, ଘାସିରାମ ମାଝୀ, ବଳଦେବ ସାହୁ, ଚକ୍ରଧର ଶବର, ବିଭୁତି ଭୂସନ ମାଝୀ ସମେତ ଓଲମା ଗ୍ରାମବାସୀ ସହଯୋଗ କରୁଛନ୍ତି।

## ବିଦ୍ୟାଳୟରେ ମିଳିମିଳା ସଚେତନତା ଶିବିର



କେସିଙ୍ଗା, ୨୧।୨(ସମିସ୍): ଭବାନୀପାଟଣା ବ୍ଲକ ଭେଜିପଦର ବିଦ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମନୋଜ ସାହୁଙ୍କ ଉପସ୍ଥିତିରେ ରାମ୍‌କି ଫାଉଣ୍ଡେସନର ଡାକ୍ତର ବିମଳ ଚରଣ ଷଡଙ୍ଗୀ ଯୋଗଦେଇ ବାୟୁ ଜନିତ ରୋଗ (ମିଳିମିଳା)ର କାରଣ ଓ ଉପଚାର ଉପରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଶିକ୍ଷକ ପ୍ରଶାନ୍ତ ଖମାରୀ, ଚିନ୍ମୟ ମହାନ୍ତି, ପଦ୍ମନାଭ ମହନନ୍ଦ, ସ୍ୱାଗତିକା ନେଗୀ, ସୁଚରିତା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଜ୍ୟୋତ୍ସ୍ନାମୟୀ ବେହେରା, ଷ୍ଟାଫନର୍ସ ପଙ୍କଜିନୀ ରଣା, ନିତୁ ନାୟକ, ନିରଞ୍ଜନ ହାତୀ, ଲିଙ୍ଗରାଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ବିୟୋଗ



ଧର୍ମଗଡ଼, ୨୧।୨(ସମିସ): ଧର୍ମଗଡ଼ ବ୍ଲକ ପର୍ଲା ଡାକ୍ତରଖାନାର ପୁରୁଷ ସ୍ୱାସ୍ଥ୍ୟକର୍ମୀ ହିମାଂଶୁ ମଙ୍ଗରାଜ (୩୮) ଆଉ ନାହାନ୍ତି। ଶୁକ୍ରବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚିଚିଆ ଗ୍ରାମରେ ହିମାଂଶୁଙ୍କ ଘର। ଗତ କିଛିଦିନ ତଳେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ଏହାପରେ ପରିବାର ଲୋକେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ବେହେରାଗୁଡାରେ କିଶୋରୀ ମେଳା

ଧର୍ମଗଡ଼, ୨୧।୨(ସମିସ):ଧର୍ମଗଡ଼ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପର୍ଲା ସେକ୍ଟର ଅଧୀନ ବେହେରାଗୁଡାରେ ଶୁକ୍ରବାର କିଶୋରୀ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ପର୍ଲା ପରିଦର୍ଶିକା ପୂର୍ଣ୍ଣମୀ ସେନାପତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବେହେରାଗୁଡ଼ା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅକ୍ଷୟ ଜେନା, ସମ୍ମାନୀତ ଅତିଥି ଭାବେ ନିଳାମ୍ବର ପୋଡ଼, ସ୍ୱାସ୍ଥ୍ୟ କର୍ମୀ-ଗୀତା ବେହେରା, ତାରିଣୀ ପ୍ରସାଦ ଦାସ, ନାଏକ ସରପଞ୍ଚ ଚନ୍ଦ୍ରା ନାଏକ ଉପସ୍ଥିତ ଥିଲେ। ଏହି ଅବସରରେ କିଶୋରୀମାନେ ନାଚଗୀତ ସହ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଅଙ୍ଗନବାଡି କର୍ମୀ ଶ୍ୱେତବାଲି ନାଏକ, ନଳିନୀ ଜାଲ, ଜୟନ୍ତୀ ଦେଇ, କୁନ୍ତୀ ନାଗ, ଅଷ୍ଟମୀ ନାଗ, ଜଳେନ୍ଦ୍ରୀ ପାଣିଗ୍ରାହୀ, ଖୀରମତି ଦୁର୍ଗା, ମମତା ଧଗଡ଼ା ମାଝୀ, ଲୋଚନୀ ନାଏକ, ସପ୍ତମୀ ନାଏକ, ଜନକେ ବିଶି, ଜଳେନ୍ଦ୍ରୀ ଜୁଏଡ଼, ଲୋଚନୀ ଭଇସାଲ ପ୍ରମୁଖ ସହଯୋଗ କରିଥିଲେ।

## ନୂଆପଡ଼ାରେ କୃଷି ବିଭାଗର ସମୀକ୍ଷା



ନୂଆପଡ଼ା, ୨୧।୨(ସମିସ): ନୂଆପଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ କୃଷି ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ମଧୁସୂଦନ ଦାଶ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଅତିରିକ୍ତ କୃଷି ନିର୍ଦ୍ଦେଶକ ତଥା ଯୋଜନା ଅଧିକାରୀ ସମାପ୍ତିକା କର ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଜିଲ୍ଲାପାଳଙ୍କ ଆଦେଶକ୍ରମେ ସମସ୍ତ ଯୋଜନା ଅଧିକାରୀ ପାୱାର ପଏଣ୍ଟ ମାଧ୍ୟମରେ ନିଜ ନିଜ ଯୋଜନାଗୁଡ଼ିକୁ ବିସ୍ତୃତ ଭାବରେ ବୁଝାଇଥିଲେ। ଜିଲ୍ଲାପାଳ ଦାଶ ଜିଲ୍ଲାରେ ଧାନ, କପା, ମାଣ୍ଡିଆ ଉତ୍ପାଦନ ଓ ସଂଗ୍ରହ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ମିଳିଥିବାରୁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ସୂଚନା ଦେଇ ସେ କହିଲେ ଯେ, ଜିଲ୍ଲାରେ ୨୦୨୪ ଖରିଫ ଋତୁରେ ୨୩ ଲକ୍ଷ କ୍ୱିଣ୍ଟାଲ ଧାନ, ୫୫୦୦୦ କ୍ୱିଣ୍ଟାଲ କପା ଓ ୧୬୦୦୦ କ୍ୱିଣ୍ଟାଲ ମାଣ୍ଡିଆ ମଣ୍ଡି ମାଧ୍ୟମରେ ସର୍ବନିମ୍ନ ସହାୟକ ମୂଲ୍ୟରେ କିଣାଯାଇପାରିଛି। ୧୧୮୭୨ କ୍ୱିଣ୍ଟାଲ ମକା ଉତ୍ପାଦକ କମ୍ପାନୀ ମାଧ୍ୟମରେ କିଣା ହୋଇଥିବା ସୂଚନା ଦେଇଥିଲେ। ସମସ୍ତ ବ୍ଲକର ଗୋଷ୍ଠୀ କୃଷି ଅଧିକାରୀ ଗୋଟିଏ ଲେଖାଏଁ ସଫଳ କୃଷକର କାହାଣୀ ଉପସ୍ଥାପନା କରିଥିଲେ। ଜିଲ୍ଲାପାଳ କୃଷି ବିଭାଗର ସମସ୍ତ ଅଧିକାରୀମାନଙ୍କୁ ପ୍ରବାସୀ ଶ୍ରମିକମାନଙ୍କୁ ସମନ୍ୱିତ କୃଷି ପ୍ରଣାଳୀ ଯୋଜନାରେ ସାମିଲ କରି ଆହୁରି ଭଲ କାମ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହାଦ୍ୱାରା ଜିଲ୍ଲାରୁ ପ୍ରବାସୀ ଶ୍ରମିକମାନଙ୍କ ଦୁଃଖ ଦୁର୍ଦ୍ଦଶା ଲୋପ ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ। ବୈଠକରେ ଜିଲ୍ଲାର ସମସ୍ତ ବ୍ଲକର ଗୋଷ୍ଠୀ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, ଜିଲ୍ଲାରେ କାର୍ଯ୍ୟ କରୁଥିବା ସମସ୍ତ ଏନ୍‌ଜିଓ ଓ ଏଫପିଓରୁ କର୍ମଚାରୀ ଯୋଗଦେଇଥିଲେ।

## ଦକ୍ଷତା ବିକାଶ ଭ୍ରାମ୍ୟମାଣ ଯାନ ଉଦ୍‌ଘାଟିତ



**ଭବାନୀପାଟଣା, ୨୧।୨(ସମିସ):** କଳାହାଣ୍ଡିରେ ଦକ୍ଷତା ବିକାଶ ଭ୍ରାମ୍ୟମାଣ ଯାନ ଉଦ୍‌ଘାଟିତ ହୋଇଛି। ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହା ଦ୍ୱାରା ଜିଲ୍ଲାର ଖଣି ପ୍ରଭାବିତ ଅଞ୍ଚଳରେ ଯୁବ ଗୋଷ୍ଠୀଙ୍କ ଦକ୍ଷତା ତଥା ନିଯୁକ୍ତିର ସୁଯୋଗ ଓ ବିକାଶ ହେବ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏହି ଭ୍ରାମ୍ୟମାଣ ତାଲିମ ଯାନ ଉଦ୍‌ଘାଟିତ ହୋଇଥିଲା। ଏହି ଭ୍ରାମ୍ୟମାଣ ଯାନରେ ଖଣି ସଂକ୍ରାନ୍ତୀୟ ତାଲିମ ଯଥା ଖଣି ଇଲେକ୍ଟ୍ରିସିଆନ, ଖଣି ୱେଲଲ୍ଡର, ଖଣି ଅପରେଟର, ଏସ୍କାଭେଟର ଅପରେଟର ପାଇଁ ଅତ୍ୟାଧୁନିକ ଯନ୍ତ୍ର ତଥା କୃତ୍ରିମ ବୁଦ୍ଧିମତ୍ତା, ଏଆଇ କୌଶଳ ମାଧ୍ୟମରେ ତାଲିମ୍ ଦିଆଯିବ। ଏହି ସ୍ୱତନ୍ତ୍ର ତାଲିମ୍ ଯାନରେ ଅଡିଓ, ଭିଡ଼ିଓ, କମ୍ପ୍ୟୁଟର ଦ୍ୱାରା ତାଲିମ୍ ଦିଆଯିବ। ତାଲିମ୍ ପରେ ପରେ ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଏହି ଯାନ ସମଗ୍ର ଜିଲ୍ଲାରେ ବୁଲି ବୁଲି ବେକାର ଯୁବକଙ୍କୁ ସଚେତନ କରିବା ସହ ଦକ୍ଷ କରିବ। ଏହି ଯୋଜନା ଦ୍ୱାରା ଜିଲ୍ଲାର ବେକାରୀ ଦୂର ହେବା ସହ ଯୁବବର୍ଗ ରୋଜଗାରକ୍ଷମ ହେଇପାରିବେ ବୋଲି ଜିଲ୍ଲାପାଳ କହିଥିଲେ। ପ୍ରଶାନ୍ତ ମିଶ୍ର, ଅଜିତ ଉତ୍ତର ରାୟ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

**ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ସାଧାରଣ ବୈଠକ**

# ସମସ୍ତଙ୍କ ସହଯୋଗ ଲୋଡିଲେ ଏନ୍‌ଏସି ଇଓ



**ନୂଆପଡ଼ା, ୨୧।୨(ସମିସ):**

ନୂଆପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ସାଧାରଣ ବୈଠକ ପରିଷଦ ସଭାଗୃହରେ ଅଧ୍ୟକ୍ଷ ମହମ୍ମଦ ଆଦମ ଖାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମସ୍ତ ୱାର୍ଡ ସଭ୍ୟସଭ୍ୟା, ରାଜ୍ୟସଭା ସାଂସଦ ପ୍ରତିନିଧି ହରିଶ୍ଚନ୍ଦ୍ର ପଣ୍ଡା ଓ ବିଧାୟକ ପ୍ରତିନିଧି ଜୟ ଢୋଲକିଆ ଉପସ୍ଥିତ ଥିଲେ। ଅଧ୍ୟକ୍ଷଙ୍କ ଅନୁମତିକ୍ରମେ କାର୍ଯ୍ୟନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାଏକ ସଭା ପରିଚାଳନା କରିଥିଲେ। ଉପସ୍ଥିତ ରାଜ୍ୟସଭା ପ୍ରତିନିଧି, ବିଧାୟକ ପ୍ରତିନିଧି, ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ନବ ନିଯୁକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ୨୦୨୫ ବର୍ଷର ପ୍ରଥମ ସାଧରଣ ବୈଠକରେ ସ୍ୱାଗତ କରାଯାଇଥିଲା। ବିଜ୍ଞାପିତ ଅଞ୍ଚଳ ପରିଷଦର ପରିମଳ ବ୍ୟବସ୍ଥାକୁ ପ୍ରାଧାନ୍ୟ ଦେଇ ନୂଆପଡ଼ା ସହର କିପରି ଚିରସୁନ୍ଦର ହୋଇପାରିବ ତା ଉପରେ ସମସ୍ତେ ସହଯୋଗ କରିବାକୁ ଇଓ ମତପ୍ରକାଶ କରିଥିଲେ। ସଭ୍ୟସଭ୍ୟାମାନେ ନିଜ ନିଜ ୱାର୍ଡର ବହୁବିଧ ସମସ୍ୟା ଉତ୍ଥାପନ କରିଥିଲେ। ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖାଯାଇ ଏହାର ମୁକାବିଲା ପାଇଁ ପ୍ରସ୍ତାବ ଦେଇଥିଲେ। ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ଜଳର ଉତ୍କଟ ଅଭାବ ସ୍ଥାନମାନ ଚିହ୍ନଟ କରି ପାନୀୟ ଜଳର ସୁବ୍ୟବସ୍ଥା ଓ ଜନଗହଳି ସ୍ଥାନରେ ଉପଯୁକ୍ତ ଓଆରଏସ୍ ସହିତ ଜଳଛତ୍ର ବ୍ୟବସ୍ଥା ଏବଂ ସହରରେ ଗ୍ରୀଷ୍ମ ପ୍ରବାହର ସଫଳ ମୁକାବିଲା ପାଇଁ ନିଷ୍ପତ୍ତି ନିଆଯାଇଛି। ନୂତନ ଭାବରେ ତିଆରି ହୋଇଥିବା ବିଜ୍ଞାପିତ ଅଞ୍ଚଳ ପରିଷଦର କୋଠାକୁ ଶିଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯାହା ଦୀର୍ଘଦିନ ଧରି ବନ୍ଦ ରହିଥିଲା ତାହାକୁ କାର୍ଯ୍ୟକ୍ଷମ କରିବା ସହିତ ଖଜଣା ଦେୟ ଠିକ ଭାବରେ ଓ ଠିକ୍ ସମୟରେ ସଂଗ୍ରହ ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପରିଷଦ ବର୍ଗ ସଭାରେ ପ୍ରସ୍ତାବ ଆଗତ କରି ଅନୁରୋଧ କରିଥିଲେ। ଗାନ୍ଧୀ ଉଦ୍ୟାନକୁ ସୁନ୍ଦର ସବୁଜ କରିବା ସହିତ ଓପନ ଜିମ ଉପକରଣଗୁଡ଼ିକୁ ନୂତନ ଭାବରେ କାର୍ଯ୍ୟକ୍ଷମ କରାଯିବା ଏବଂ ଦୈନିକ ବଜାର ଓ ସାପ୍ତାହିକ ବଜାରର ନିଲାମ କରିବା ସହିତ ପରିମଳ ବ୍ୟବସ୍ଥାର ଉନ୍ନତି ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସାପ୍ତାହିକ ବଜାରକୁ ସହରର ମୁଖ୍ୟ ରାସ୍ତାଠାରୁ ସ୍ଥାନାନ୍ତରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଆସିଥିବା ୫୦ଲକ୍ଷ ଟଙ୍କା ବ୍ୟୟରେ ପୁରାତନ ପୁଲିସପଡ଼ିଆ ସମ୍ମୁଖରେ ନୂତନ ଦୁଇ ମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ପ୍ରସ୍ତାବ ଆଗତ କରାଯାଇ ଗୃହୀତ କରାଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ନାଏକ ଦଳମତ ନିର୍ବିଶେଷରେ ସମସ୍ତେ ଆଗକୁ ଆସି ସହରକୁ ସବୁଜ ସୁନ୍ଦର ଏବଂ ପ୍ରାଣବନ୍ତ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

## ଜିଲ୍ଲାପାଳଙ୍କ ପରୀକ୍ଷା କେନ୍ଦ୍ର ପରିଦର୍ଶନ



● ୩୩ କେନ୍ଦ୍ରରେ ପରୀକ୍ଷା ଦେଲେ ୬୪୦୪ ଛାତ୍ରଛାତ୍ରୀ

**ବୌଦ୍ଧ, ୨୧।୨(ସମିସ):** ବୌଦ୍ଧ ଜିଲ୍ଲାର ୩୩ଟି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଓଡ଼ିଶା ମାଧମିକ ଶିକ୍ଷା ପରିଷଦ ପରିଚାଳିତ ବାର୍ଷିକ ହାଇସ୍କୁଲ ପରୀକ୍ଷା, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଓ ସଂସ୍କୃତ ମଧ୍ୟମା ପରୀକ୍ଷାରେ ମୋଟ ୬୫୨୯ରୁ ୬୪୦୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିବାବେଳେ ୧୨୫ ଜଣ ଅନୁପସ୍ଥିତ ରହିଛନ୍ତି। ଜିଲ୍ଲାର ୩ଟି ବ୍ଲକରେ ହୋଇଥିବା ଗୋଟିଏ ଲେଖାଏଁ ନୋଡାଲ କେନ୍ଦ୍ରରୁ ସକାଳ ସାଢେ ୮ଟା ସୁଦ୍ଧା ପ୍ରଶ୍ନପତ୍ର ପହଞ୍ଚିବା ପରେ ସକାଳ ୯ଟାରେ ପରୀକ୍ଷା ଆରମ୍ଭ ହୋଇଥିଲା। ପରୀକ୍ଷାରେ କପି ରୋକିବାକୁ ପ୍ରତି ବ୍ଲକ ପାଇଁ ଓ ନୋଡାଲସେଣ୍ଟର୍ ପାଇଁ ସ୍ୱତନ୍ତ୍ରଭାବେ କାର୍ଯ୍ୟ ନିର୍ବାହୀ ମାଜିଷ୍ଟ୍ରେଟ ଭାବରେ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ନିଯୁକ୍ତ କରାଯାଇଛି। ଜିଲ୍ଲା ନୋଡାଲ ଅଫିସର ଭାବରେ ଅତିରିକ୍ତ ଜିଲ୍ଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ଜିଲ୍ଲାପାଳ ଦାୟିତ୍ୱ ଦେଇଛନ୍ତି। ତା ସହିତ ଫ୍ଲାଇଂ ସ୍କ୍ୱାଡ୍ ଓ ସ୍ୱତନ୍ତ୍ର ସ୍କ୍ୱାଡ୍ ମଧ ଗଠନ କରାଯାଇଥିବା ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ସୁଚନା ଦେଇଛନ୍ତି। ବୌଦ୍ଧ ଜିଲ୍ଲାପାଳ ସୁବ୍ରତ ପଣ୍ଡା ମଧ ବିଭିନ୍ନ ମାଟ୍ରିକ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ପଣ୍ଡା ପ୍ରଥମେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ପରେ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ, ମାଉଲସିଙ୍ଗା ଜେବି ହାଇସ୍କୁଲ ଓ ସରସରା ବାବା ବୈଦ୍ୟନାଥ ନୋଡାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଜିଲ୍ଲାପାଳଙ୍କ ପରିଦର୍ଶନ ସମୟରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆର ସିଂ, ଅତିରିକ୍ତ ତହସିଲଦାର ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ମହମ୍ମଦ ରୋଜାଏ ରସୁଲ ଉପସ୍ଥିତ ଥିଲେ।

## ୫୨ କେନ୍ଦ୍ରରେ ପରୀକ୍ଷା ଦେଲେ ୮ ହଜାର ୮୦ ଛାତ୍ରଛାତ୍ରୀ

**ସୋନପୁର, ୨୧।୨(ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ଶୁକ୍ରବାର ଆରମ୍ଭ ହୋଇଛି। ସୁବର୍ଣ୍ଣପୁର ଜିଲ୍ଲାରେ ଶାନ୍ତିଶୃଙ୍ଖଳାର ସହ ଛାତ୍ରଛାତ୍ରୀମାନେ ପ୍ରଥମ ଦିନରେ ମାତୃଭାଷା ଓଡ଼ିଆ ପରୀକ୍ଷା ଦେଇଛନ୍ତି। ତେବେ ଭଲ ପ୍ରଶ୍ନ

**୧୪୭ ପରୀକ୍ଷାର୍ଥୀଙ୍କ ଅନୁପସ୍ଥିତିର କାରଣ ଖୋଜା**

ସବୁ ଆସିଥିବାରୁ ଅଧିକାଂଶ ଛାତ୍ରଛାତ୍ରୀ ପରୀକ୍ଷା ଉତ୍ତମଧରଣର ହୋଇଥିବା କହିଛନ୍ତି। ଜିଲ୍ଲାରେ ମାଟ୍ରିକ୍ ପରୀକ୍ଷା ଦେବା ପାଇଁ ୮ ହଜାର ୨୨୭ ଜଣ ଛାତ୍ରଛାତ୍ରୀ ଫର୍ମପୂରଣ କରିଥିବା ବେଳେ ୮ ହଜାର ୮୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ତେବେ ଏହି ଅନୁପସ୍ଥିତ ୧୪୭ ଜଣ ଛାତ୍ରଛାତ୍ରୀ କୁଆଡ଼େ ଗଲେ ବୋଲି ସାଧାରଣରେ ପ୍ରଶ୍ନ ହୋଇଛି। ଅଞ୍ଚଳରୁ ହଜାର ହଜାର ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଥିବାରୁ ଏହା ମଧ ଅନୁପସ୍ଥିତିର ଏକ କାରଣ ହୋଇପାରେ ବୋଲି ସନ୍ଦେହ କରାଯାଉଛି। କଣ ପାଇଁ ମାଟ୍ରିକ ପରୀକ୍ଷାରେ ଛାତ୍ରଛାତ୍ରୀ ଅନୁପସ୍ଥିତ ଅଛନ୍ତି ନିର୍ଦ୍ଦିଷ୍ଟ ଭାବେ ଜଣାଇବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ନିର୍ଦ୍ଦେଶ ଦେଇଛନ୍ତି। କେବଳ ଯେ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନୁହେଁ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଏବଂ ସଂସ୍କୃତ ମଧ୍ୟମା ପରୀକ୍ଷାରେ ମଧ ଛାତ୍ରଛାତ୍ରୀ ଅନୁପସ୍ଥିତ ଅଛନ୍ତି। ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାରେ ୮୧ରୁ ୭୪ ଜଣ ପରୀକ୍ଷା ଦେଉଥିବା ବେଳେ ୭ ଜଣ ଅନୁପସ୍ଥିତ ଅଛନ୍ତି। ମଧ୍ୟମା ପରୀକ୍ଷାରେ ୮୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୯ ଜଣ ପରୀକ୍ଷା ଦେଉଛନ୍ତି। ୨୧ ତାରିଖରୁ ଆରମ୍ଭ ହୋଇଥିବା ହାଇସ୍କୁଲ ସାର୍ଟିଫିକେଟ୍(ମାଟ୍ରିକ୍) ପରୀକ୍ଷା ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତଥର ସୁବର୍ଣ୍ଣପୁର ଜିଲ୍ଲାର ୧୨୮ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଜିଲ୍ଲାର ୫୨ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। ଏଥିପାଇଁ ବିନିକା ହାଇସ୍କୁଲ, ବୀରମହାରାଜପୁର ହାଇସ୍କୁଲ, ଡୁଙ୍ଗୁରିପାଲି ହାଇସ୍କୁଲ, ରାମପୁର ହାଇସ୍କୁଲ, ସୋନପୁର ମହାରାଜା ହାଇସ୍କୁଲ, ତରଭା ବାଳକ ଉଚ୍ଚବିଦ୍ୟାଳୟ ଓ ଉଲ୍ଲୁଣ୍ଡା ପଞ୍ଚାୟତ ସମିତି ହାଇସ୍କୁଲକୁ ନୋଡାଲ ସେଣ୍ଟର କରାଯାଇଛି। ୭ଟି ନୋଡାଲ ସେଣ୍ଟର ପାଇଁ ୧୫ଟି ଡେସ୍‌ପାଚ୍ ଟିମ୍ ଅଛନ୍ତି। ଏସ୍‌ଓଏସ୍‌ସି(ଷ୍ଟେଟ୍ ଓପନ ସ୍କୁଲ ସାର୍ଟିଫିକେଟ୍) ପରୀକ୍ଷା ପାଇଁ ସୋନପୁର ବ୍ଲକ ଖରଝୁରା ଜୟ ଜଗନ୍ନାଥ ଉଚ୍ଚବିଦ୍ୟାଳୟରେ ପରୀକ୍ଷାକେନ୍ଦ୍ର କରାଯାଇଛି। ପରୀକ୍ଷା କେନ୍ଦ୍ରରେ ୭୪ ଜଣ ମଧ୍ୟମା ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ଜିଲ୍ଲାର ୧୨ଟି ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ମାଟ୍ରିକ୍ ପରୀକ୍ଷାକୁ ଶୃଙ୍ଖଳିତ ତଥା ସୁରୁଖୁରୁରେ ସମାପନ ପାଇଁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଅକ୍ଲାନ୍ତ ଉଦ୍ୟମ କରାଯାଉଛି।



## କଲେଜ ସମ୍ମୁଖରେ ଛାତ୍ରଙ୍କ ଅନଶନ



ସୋନପୁର, ୨୧।୨(ସମିସ): ସଂଘବଦ୍ଧ ଆକ୍ରମଣ ଘଟଣାର ନିରପେକ୍ଷ ତଦନ୍ତ ଦାବିକରି ପୀଡ଼ିତ ଛାତ୍ର ସୋନପୁର କଲେଜ ସାମ୍ନାରେ ଧାରଣାରେ ବସିଛନ୍ତି। ଗତ ଜାନୁଆରୀ ୮ ତାରିଖରେ କଲେଜ ପରିସରରେ ଶ୍ରୀକାନ୍ତ ସାହୁ ନାମକ ଜଣେ ଛାତ୍ରଙ୍କୁ କିଛି ଛାତ୍ରଙ୍କ ସହ ମିଶି ଅଣଛାତ୍ରମାନେ ଆକ୍ରମଣ କରିଥିଲେ। ଫଳରେ ଶ୍ରୀକାନ୍ତଙ୍କ ମୁଣ୍ଡ ଫାଟି ଯାଇ ଆଘାତ ଲାଗିଥିଲା। ସେ ସୋନପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ବୁର୍ଲା ବଡ଼ ମେଡିକାଲରେ ଚିକିତ୍ସିତ ହୋଇ ଫେରିଛନ୍ତି। କିନ୍ତୁ ଦୀର୍ଘ ଏକ ମାସରୁ ଅଧିକ ସମୟ ହେବ ସୋନପୁର ପୁଲିସ ପ୍ରଶାସନ ଅଭିଯୁକ୍ତଙ୍କୁ ଧରି ନଥିବାରୁ ସେ ପ୍ରତିବାଦ କରିଛନ୍ତି। ସେ ବାଧହୋଇ କଲେଜ ସାମ୍ନାରେ ଧାରଣା ଆରମ୍ଭ କରିଛନ୍ତି। ଆଗାମୀ ଦିନରେ କଲେଜରେ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବାକୁ ଏବଂ ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ସେ ଆମରଣ ଅନଶନ ଆରମ୍ଭ କରିଥିବା କହିଛନ୍ତି।

## ଚମ୍ପାମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବୀରମହାରାଜପୁର, ୨୧।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଚମ୍ପାମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ରଞ୍ଜିତା ନାଏକଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମୋ ସ୍କୁଲ୍ ଅଭିଯାନର ସଭାପତି ତଥା ସାମ୍ବାଦିକ ସତ୍ୟବାନ୍ ପୁରୋହିତ ଏବଂ ସମ୍ମାନିତ ଅତିଥି ସ୍କୁଲ୍ କମିଟି ସଭାପତି ସୁବଳ ଭୋଇ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ଝୁନୁ ଶତପଥୀ ସଭା ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପୁରୋହିତ ଓ ଶକୁନ୍ତଳା ମହାପାତ୍ର ମଞ୍ଚାସୀନ ହୋଇ ଗୁଣାତ୍ମକ ଶିକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପାରଦର୍ଶିତା ହାସଲ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ପେଟ ପାଇଁ କେତେ ନାଟ | କଅଁଳ ବୟସରେ ବାଉଁଶରାଣୀ ଖେଳ



**ସୁବଳୟା, ୨୧।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳରେ କିଛିଦିନ ହେବ ବାଉଁଶରାଣୀ ଖେଳ ଦେଖିବାକୁ ମିଳୁଛି। ତେବେ ଏହି ବିପଦଜନକ ବାଉଁଶରାଣୀ ଖେଳକୁ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ରାୟଗଡ଼ ଜିଲ୍ଲା ସିଲାଡି ଗାଁରୁ ଆସି କେତେଜଣ ନାବାଳିକା ଖେଳିବା, ବୁଲିବା ତଥା ପାଠପଢ଼ିବା ବୟସରେ ଖେଳ ପ୍ରଦର୍ଶନ କରି ପେଟ ପାଇଁ ଦାନା ଯୋଗାଡ଼ କରୁଛନ୍ତି। କଅଁଳ ବୟସରେ ଦଉଡ଼ି ଉପରେ ଚାଲିବା ସହ ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶନ କରି ଦର୍ଶକଙ୍କ ମନ ଜିଣୁଛନ୍ତି। ହେଲେ ଦର୍ଶକ ପାଖରୁ ତାଳିମାଡ଼ ଯେତିକି ତା ତୁଳନାରେ ରୋଜଗାର ସେତିକି ହୁଏ ନାହିଁ। ସୀମିତ ରୋଜଗାର ଭିତରେ ଦୁଇ ବେଳା ପେଟ ପାଇଁ ଦାନା ଏବଂ ଗୋଟିଏ ଜାଗାରୁ ଆଉ ଗୋଟିଏ ସ୍ଥାନକୁ ଯିବା ପାଇଁ ଗାଡ଼ି ଖର୍ଚ୍ଚ ମଧ ଭଲ ଭାବରେ ହୁଏ ନାହିଁ ବୋଲି ଏହି ପରିବାର ଲୋକ ମତପ୍ରକାଶ କରିଛନ୍ତି। ବାରବୁଲା ଜୀବନ ନେଇ ଗାଆଁରୁ ସହର ବୁଲନ୍ତି। ଦଉଡ଼ି ଉପରେ ନିଜ ଦେହକୁ ନିୟନ୍ତ୍ରଣରେ ରଖି ଆକର୍ଷଣ ଖେଳ ପ୍ରଦର୍ଶନ କରୁଥିବା ଝିଅଟିର ବୟସ ୧୦ ବର୍ଷ ହେବ। ବାଉଁଶରାଣୀ ଖେଳ ସେମାନଙ୍କ ଜିବନ ଜୀବିକା। ଏଭଳି କଳା କୌଶଳରେ ପରିପୂର୍ଣ୍ଣ ବିଭିନ୍ନ ଖେଳକୁ ଜୀବିକା ରୂପେ ଆପଣେଇ ସେମାନେ ରାସ୍ତାକଡ଼ରେ ଖେଳ ପ୍ରଦର୍ଶନ କରି ଲୋକଙ୍କୁ ବେଶ୍ ମନୋରଞ୍ଜନ ଯୋଗାଉଥିଲେ ମଧ ଧିରେଧିରେ ଏହା ଲୋପ ପାଇବାକୁ ବସିଲାଣି।



ବୀରମହାରାଜପୁରରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ ପରିସରରେ ସୁବର୍ଣ୍ଣପୁର ଜିଲ୍ଲା ନବ ନିର୍ବାଚିତ ବିଜେପି ସଭାପତି ବେଣୁଧର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

● ଟ୍ରାନ୍ସଫର୍ମରକୁ ଧକ୍କାଦେଇ ୱିଙ୍ଗର ଦୁର୍ଘଟଣାଗ୍ରସ୍ତ

## ଅଳ୍ପକେ ବର୍ତ୍ତିଲେ ୧୫ ଯାତ୍ରୀ



**ବୌଦ୍ଧ, ୨୧।୨(ସମିସ):** ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ବହିରା ହରିଜନ ସାହି ନିକଟରେ ଏକ ୱିଙ୍ଗର ଦୁର୍ଘଟଣାଗ୍ରସ୍ତ ହୋଇଛି। ଗୁରୁବାର ରାତି ପ୍ରାୟ ୩ ଟାରେ ସୋନପୁର ଜିଲ୍ଲା ତରଭା ଅଞ୍ଚଳରୁ ୧୫ ଜଣ ଯାତ୍ରୀ ଏକ ୱିଙ୍ଗର ଯୋଗେ ପୁରୀରୁ ତରଭା ଫେରୁଥିଲେ। ବହିରା ହରିଜନ ସାହି ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଟ୍ରାନ୍ସଫର୍ମର ଖମ୍ବକୁ ଧକ୍କା ଦେଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ଯାତ୍ରୀମାନେ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ବାଉଁଶୁଣି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଛି।

## ରତନପୁରରେ ମହାବୀର ମନ୍ଦିର ପ୍ରତିଷ୍ଠା ଉତ୍ସବ

ଚାରିଛକ, ୨୧।୨(ସମିସ): ହରଭଙ୍ଗା ବ୍ଲକ ପୁରୁଣାକଟକ ପଞ୍ଚାୟତ ରତନପୁରରେ ମହାବୀର ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ପୁରୁଷ ଏବଂ ମହିଳାମାନେ ପୁରୁଣାକଟକସ୍ଥିତ ଲକ୍ଷ୍ମୀ ନାଳରୁ ଜଳ ଉଠାଇ ଗ୍ରାମ ମଣ୍ଡପରେ ପହଞ୍ଚିଥିଲେ। ଏହି ଅବସରରେ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ମଣ୍ଡଳପୂଜା, ଅଗ୍ନିପୂଜା ସହ ଆହୁତି, ଆଳତି ହୋଇଥିଲା। ସେହିଭଳି ଉପଚାର ପୂଜା, ବିଶ୍ୱଶାନ୍ତି ପୂଜା ସହ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅଜିତ ବାରିକ, ଜନ୍ମିତା ବାରିକ, ବିଜୟ କର୍ଣ୍ଣ, ରେବତୀ କର୍ଣ୍ଣ, ଦିବାକର ପ୍ରଧାନ, ପଣ୍ଡିତ ମନୋଜ ଆଚାର୍ଯ୍ୟ, ପ୍ରଦ୍ୟୁମ୍ନ ପତି, ଅମର ଦାଶ, ଜ୍ୟୋତି ବିକାଶ ମିଶ୍ର, ବିରକିଶୋର ଚାନ୍ଦ୍ର, ନବ ଚାନ୍ଦ ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।

**ବଡ଼ିଗାଁ ପଞ୍ଚାୟତ କାର୍ଯ୍ୟାଳୟ**

## ବୈଠକରେ ହଟ୍ଟଗୋଳ, ଉଠିଗଲେ ସରପଞ୍ଚ



**ବୌଦ୍ଧ, ୨୧।୨(ସମିସ):** ବୌଦ୍ଧ ବ୍ଲକ ବଡ଼ିଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ମାସିକ ବୈଠକ ଚାଲିଥିବା ବେଳେ ହୋହାଲ୍ଲା ହୋଇଛି। ୱାର୍ଡ ସଭ୍ୟସଭ୍ୟାଙ୍କ ହଟ୍ଟଗୋଳ ଯୋଗୁଁ ସରପଞ୍ଚ ବୈଠକ ଛାଡି ଚାଲି ଯାଇଛନ୍ତି। ନାଏବ ସରପଞ୍ଚଙ୍କ ସମେତ ୧୦ ଜଣ ୱାର୍ଡସଭ୍ୟ ୨୦୨୨-୨୩ ଆର୍ଥିକ ବର୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ପଞ୍ଚାୟତକୁ ବିଭିନ୍ନ ସରକାରୀ ଯୋଜନାରେ ଆସିଥିବା ଅନୁଦାନ ଓ ତାହାର ଖର୍ଚ୍ଚ ବିବରଣୀ ଜଣାଇବା ପାଇଁ ନୋଟିସ୍ ଦେଇଥିଲେ। ତେବେ ନୋଟିସ୍‌ରେ ୱାର୍ଡ ସଭ୍ୟସଭ୍ୟାଙ୍କ ପ୍ରକୃତ ସ୍ୱାକ୍ଷର ନ ଥିବା ସରପଞ୍ଚ କହିଥିଲେ। ଏହାକୁ ନେଇ ସରପଞ୍ଚ ଓ ୱାର୍ଡସଭ୍ୟ ମଧ୍ୟରେ କଥା କଟାକଟି ହେବା ସହ ହଟ୍ଟଗୋଳ ହୋଇଥିଲା। ଏଣୁ ସରପଞ୍ଚ ସିଦ୍ଧେଶ୍ୱର ପ୍ରଧାନ ବୈଠକରୁ ଉଠି ଚାଲି ଯାଇଥିଲେ। ଏହି ଘଟଣାକୁ ନେଇ ନାଏବ ସରପଞ୍ଚଙ୍କ ସମେତ ୱାର୍ଡସଭ୍ୟଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଲୋକକଳା ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ

ମନମୁଣ୍ଡା, ୨୧।୨(ସମିସ): ବୌଦ୍ଧ ଜିଲ୍ଲା ଖଟଖଟିଆ ଗ୍ରାପର ବ୍ରାହ୍ମଣୀରେ ମାର୍ଚ୍ଚ ୯ରେ ଲୋକକଳା ମହୋତ୍ସବ ଆୟୋଜିତ ହେବ। ଏଥିଲାଗି ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ମହୋତ୍ସବ କମିଟିର ସଭାପତି ଅର୍ଜୁନ ପ୍ରଧାନ, ସମ୍ପାଦକ ନେପାଳ ପଲିଆଙ୍କ ଆବହକତ୍ୱରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ବିଜିତ ପ୍ରଧାନ, ହରିହର ପ୍ରଧାନ, ବାମନ ଚରଣ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ତେବେ ୨ ଦିନ ଧରି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଲୋକନୃତ୍ୟ, ଅଣୁ ନାଟକ, ଗୋଟିପୁଅ ନୃତ୍ୟ, ଓଡିଶୀ, ସମ୍ବଲପୁରୀ ନୃତ୍ୟ ସହ ଶିଶୁ କଳାକାରଙ୍କ ଦ୍ୱାରା ମଧ ନୃତ୍ୟ ପରିବେଷଣ ହେବ। ଏହା ସହ ଏକ ମଶାଲ ଶୋଭାଯାତ୍ରା ସ୍ଥାନୀୟ କଳାକାରଙ୍କୁ ନେଇ ଗ୍ରାମ ପରିକ୍ରମା କରିବ। ବୋଲି ବରିଷ୍ଠ କଳାକାର ଲିଙ୍ଗରାଜ ପ୍ରଧାନ ଏକ ପ୍ରେସ ବିବୃତ୍ତିରେ ଏହା କହିଛନ୍ତି। ସୁକାନ୍ତ ପ୍ରଧାନ, ମିଲୁ ପଲିଆ, ଅଜୟ ପ୍ରଧାନ, ବେଣୁଧର ପ୍ରଧାନ, ଲବ ପ୍ରଧାନ, ମେନ ପାତ୍ର, ପ୍ରହ୍ଲାଦ ଅମାତ, ମଧୁ ସିଂ ପ୍ରମୁଖଙ୍କ ସହଯୋଗରେ ଶୁଭସ୍ତମ୍ଭ ସ୍ଥାପନ ହୋଇଛି।

**ରାମଧୂନ କ୍ଲବ୍ ସର୍ବଭାରତୀୟ ଫୁଟବଲ ଚାମ୍ପିଅନସିପ୍**

## ରାଉରକେଲାକୁ ୪-୩ ଗୋଲ୍‌ରେ ହରାଇଲା ସୋନପୁର

**ସୋନପୁର, ୨୧।୨(ସମିସ):**




ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୧୬ତମ ସର୍ବଭାରତୀୟ ରାମଧୁନ କପ୍ ଫୁଟବଲ ଚାମ୍ପିଅନସିପ୍‌ର ଶୁକ୍ରବାର ମ୍ୟାଚ୍‌ରେ ରାଉରକେଲା ଦଳକୁ ସୋନପୁର ପରାସ୍ତ କରି ଦ୍ୱିତୀୟ ସେମିରେ ପ୍ରବେଶ କରିଛି। ପୁଲ-ବି'ର ଦ୍ୱିତୀୟ ମ୍ୟାଚ୍ ରାଉରକେଲା ରେଡ୍ ଓ ଆୟୋଜକ ସୋନପୁର ରାମଧୁନ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶେଷ ଯାଏଁ ଖେଳ ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା। ତେବେ ରାଉରକେଲାକୁ ଟ୍ରାଇବ୍ରେକର ଜରିଆରେ ୪-୩ ଗୋଲ୍ ହରାଇ ସୋନପୁର ରାମଧୁନ କ୍ଲବ୍ ପରାସ୍ତ କରି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମି ଫାଇନାଲକୁ ପ୍ରବେଶ କରିଛି। ସମ୍ପାଦକ ପୀୟୂଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଏବଂ ସମ୍ମାନିତ ଅତିଥି ସିଏସଓ ନିରଜ୍ ରଞ୍ଜନ ଦାଶ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ବିଦ୍ୟାବିକାଶ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁଟର ମାର୍କେଟିଂ ମ୍ୟାନେଜର ସୁବଳ ସାହୁ, ଧମା କଲେଜ ପିଇଟି ରାମକୁମାର ସାହୁ ଯୋଗଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବେ ଘରୋଇ ବସ୍ ସଂଘ ଜିଲ୍ଲା ସଭାପତି ଦୀପକ ମହାପାତ୍ର, ସମ୍ପାଦକ ସୁଦର୍ଶନ ପଣ୍ଡା, ପୌର ପରିଷଦ କାଉନସିଲର ଗଙ୍ଗା ତରିଆ, ସୁକାନ୍ତ ସାହୁ, ପି.ରାଜ କିଶୋର ରାଓ, ଭାଗିରଥି ମିଶ୍ର, ପୁଲିସ କନଷ୍ଟେବଳ ସଂଘ ପ୍ରାକ୍ତନ ସଭାପତି କୁମୁଦ ରଞ୍ଜନ ମେହେର, ରାମଧୁନ୍ କ୍ଲବ ଦଳର ଫ୍ରାଞ୍ଚାଇଜି ଅଦିତି କଲେଜ ଅଧକ୍ଷ ନିଶାନ୍ତ ମହାନ୍ତି ଏବଂ ରାଉରକେଲା ରେଡ ଦଳର ଫ୍ରାଞ୍ଚାଇଜି ସାରଦା ଟ୍ରେନିଂ ସେଣ୍ଟର୍ ନିର୍ଦ୍ଦେଶକ ମାଧବ ମହଲା, ଭେଟରାନ ଫୁଟବଲ୍ ଖେଳାଳି ଗୋବିନ୍ଦ ଦାସ ତରିଆ, ପଦ୍ମନାଭ ଧରୁଆ, ରିଆଜ ମହମ୍ମଦ ପ୍ରମୁଖ ଯୋଗଦେଇଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ରାମଧୁନ୍ କ୍ଲବ୍‌ର ଖେଳାଳି ସୁନୀଲ ବାଘ ପୁରସ୍କୃତ ହୋଇଛନ୍ତି। ଖେଳକୁ ମୁଖ୍ୟ ରେଫରୀ ଭାବେ ଜିତେନ୍ଦ୍ର ଥନାପତି ଖେଳ ପରିଚାଳନା କରିଥିବା ବେଳେ ଫୋର୍ଥ ଅଫିସିଆଲ୍ ସଞ୍ଜୀବ ସାହୁ, ପିଇଟି ସୁଜିତ୍ ରାଜହଂସ, ସଞ୍ଜନ କୁଦେଇ ପ୍ରମୁଖ ସହଯୋଗ କରିଥିଲେ। ଦିଗାମ୍ବର ଶତପଥୀ ଓ ମନୋରଞ୍ଜନ ତ୍ରିପାଠୀ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଶୁକ୍ରବାରର ମ୍ୟାଚକୁ ଫୁଟବଲ ପ୍ରେମୀମାନେ ମନଭରି ଉପଭୋଗ କରିଥିଲେ।

## ପାତାଳୀ ଶ୍ରୀକ୍ଷେତ୍ରରେ ମନ୍ଦିର କାର୍ଯ୍ୟ ଆରମ୍ଭ

ବୀରମହାରାଜପୁର, ୨୧।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡର ପ୍ରସିଦ୍ଧ ପୀଠ ପାତାଳୀ ଶ୍ରୀକ୍ଷେତ୍ର କୋଟସମଲାଇରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭବ୍ୟ ମନ୍ଦିର କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଗତ ୧୦ତାରିଖରୁ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏବେ ଦ୍ରୁତବେଗରେ କାମ ଆଗେଇ ଚାଲିଛି। ଏବେ ଜେସିବି ଦ୍ୱାରା ସ୍ଥାନ ସମତଳ କରାଯାଉଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଓ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଳାଙ୍କ ପ୍ରଚେଷ୍ଟାରେ ମନ୍ଦିର କାର୍ଯ୍ୟ ଆରମ୍ଭ ହୋଇଛି। ୨୦କୋଟି ଟଙ୍କା ବ୍ୟୟ ଅଟକଳରେ ମନ୍ଦିର ନିର୍ମାଣ ହେବାକୁ ଥିବାବେଳେ ଓବିସିସି ସଂସ୍ଥା ପକ୍ଷରୁ କାର୍ଯ୍ୟ ଚାଲିଛି। ଆଗାମୀ ୩ବର୍ଷ ମଧ୍ୟରେ କାର୍ଯ୍ୟ ଶେଷ ହେବା ନେଇ ଲକ୍ଷ୍ୟ ରଖାଯାଇଛି। ଏଠାରେ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଗଜପତି ମହାରାଜା ଦିବ୍ୟସିଂହ ଦେବ ୨୦୧୨ମସିହା ଜୁଲାଇ ୫ତାରିଖରେ ମନ୍ଦିର ପାଇଁ ଭୂମିପୂଜନ କରିଥିଲେ। ସେହିଦିନରୁ ଅଞ୍ଚଳବାସୀ ଅପେକ୍ଷା କରିଥିଲେ। କାର୍ଯ୍ୟ ଆରମ୍ଭ ନେଇ ଅଞ୍ଚଳବାସୀ ଖୁସି ପ୍ରକଟ କରିଛନ୍ତି।

## ବାଉଁଶୁଣୀରେ କିଶୋରୀ ମେଳା

ବିନିକା, ୨୧।୨(ସମିସ): ବିନିକା ବ୍ଲକ ବାଉଁଶୁଣୀ ଅଙ୍ଗନବାଡ଼ି କେନ୍ଦ୍ରରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ଓଡ଼ିଶା ସରକାରଙ୍କ ସହାୟତାରେ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଶଙ୍କରା ମଣ୍ଡଳ ପରିଦର୍ଶିକା ରେଣୁକା ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବାଉଁଶୁଣୀ ଉପ୍ରା ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ବବିତା ବେହେରା ଏବଂ ସମ୍ମାନିତ ଅତିଥି ଭାବେ ଆଶାକର୍ମୀ ପୁଷ୍ପାଞ୍ଜଳି ମଲ୍ଲିକ, ଏସ୍‌ଏସ୍‌ଜି ସଭ୍ୟା ଯାଜ୍ଞସେନୀ ମଲିକ, ୟୁପି ବିଦ୍ୟାଳୟ ସହକାରୀ ଶିକ୍ଷକ ଅଖୋଜ ଷାଣ୍ଢ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ସୋପାନ, ପୋଷଣର ଅଭିବୃଦ୍ଧି ପାଇଁ ସରକାରଙ୍କ ଅଭିନବ ପ୍ରୟାସ ସମ୍ପର୍କରେ ମଞ୍ଚାସୀନ ବ୍ୟକ୍ତିଗଣ ଆଲୋକପାତ କରିଥିଲେ। ମେଳାରେ ପଞ୍ଚାୟତସ୍ତରୀୟ ଅଙ୍ଗନବାଡ଼ି କର୍ମୀଙ୍କ ଦ୍ୱାରା ପୃଷ୍ଟିକର ଖାଦ୍ୟ ସମୂହର ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା। କିଶୋରୀ ବାଳିକା ଓ ବାଳକଙ୍କ ମଧ୍ୟରେ ନୃତ୍ୟ, ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ପଞ୍ଚାୟତସ୍ତରର ଅନୁସୂୟା ହୋତା, ମାଳତୀ ପାଣ୍ଡେ, କୁମଦିନୀ ମହଲା, ମିଥିଲା ହରିପାଳ, ଶାମାଦିନୀ ଷାଣ୍ଢ, ସୁବାସିନୀ ଭୋଇ, ବୃନ୍ଦାବତୀ ବିଭାର, ରଞ୍ଜୁକ୍ତା ଚାଉର ପ୍ରମୁଖ ଅଙ୍ଗନୱାଡି କର୍ମୀ ଯୋଗଦେଇଥିଲେ। ଶେଷରେ ଅଙ୍ଗନବାଡ଼ି କର୍ମୀ ହୀରାବତୀ ସା ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ଲକ୍ଷ ଲୋକଙ୍କୁ ଗୋଟିଏ ଥାନା

**୨୭ ନୂଆ ଥାନା ପ୍ରତିଷ୍ଠା ନେଇ ମନ୍ତ୍ରୀଙ୍କ ସୂଚନା**

**ଧର୍ମଗଡ଼ ଥାନା ବିଭାଜନ ସମ୍ଭାବନା ଉଜ୍ଜ୍ୱଳ**

ଧର୍ମଗଡ଼, ୨୧।୨(ସମିସ)

ଆବଶ୍ୟକତା ଦୃଷ୍ଟିରୁ ଅନେକ ସମୟରେ ସରକାର ନୂତନ ଥାନା ସ୍ଥାପନ ଫାଣ୍ଡି ବା ବିଟ୍ ହାଉସକୁ ଉନ୍ନିତ କରି ଥାନାର ମାନ୍ୟତା ଦେଇଥାନ୍ତି। ଚଳିତ ବିଧାନସଭାରେ ନୂତନ ସରକାର ୨୭ଟି ନୂତନ ଥାନା ପ୍ରତିଷ୍ଠା କରିବାକୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଭୌଗୋଳିକ ଦୃଷ୍ଟିକୋଣରୁ ଧର୍ମଗଡ଼ ଥାନା ବିଭାଜନ ହେବା ସମ୍ଭାବନା ଥିବା ଆଲୋଚନା ହେଉଛି। ବର୍ତ୍ତମାନ ଧର୍ମଗଡ଼ ଅଞ୍ଚଳରେ ପ୍ରାୟ ୨ଲକ୍ଷ ଲୋକ ବସବାସ କରୁଛନ୍ତି। ଏଥିପାଇଁ ଜଣେ ଥାନା ଅଧିକାରୀଙ୍କ ଉପରେ ଭାର ରହିଛି। ଧର୍ମଗଡ଼ ଉପଖଣ୍ଡ ଧର୍ମଗଡ଼ ବ୍ଲକରେ ୨୦୧୧ ଜନଗଣନା ଅନୁଯାୟୀ ୧ ଲକ୍ଷ, ୩୯ ହଜାର ୩୫୯ ଲୋକ ବାସ କରନ୍ତି। ତନ୍ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୬୯ ହଜାର ୯୯୪ ଏବଂ ମହିଳାଙ୍କ ସଂଖ୍ୟା ୬୯ ହଜାର ୩୬୫ ରହିଛି। ଜନସଂଖ୍ୟା ଦୃଷ୍ଟିରୁ ଜୁନାଗଡ଼ ବ୍ଲକ ପରେ ଧର୍ମଗଡ଼ ବ୍ଲକରେ ହିଁ ସର୍ବାଧିକ ଲୋକ ଅଛନ୍ତି; କିନ୍ତୁ ଏମାନଙ୍କ ପାଇଁ ଗୋଟିଏ ଥାନା ରହିଛି। ଗୋଲାମୁଣ୍ଡା ବ୍ଲକରେ ୧ ଲକ୍ଷ ୨୯ ହଜାର ୪୯୯ ରହିଛି। ପୁରୁଷ ସଂଖ୍ୟା ୬୪ ହଜାର ୯୧୭ ଓ ମହିଳାଙ୍କ ସଂଖ୍ୟା ୬୪ ହଜାର ୫୮୨ ରହିଛି। କୋକସରା ବ୍ଲକରେ ମୋଟ ଜନସଂଖ୍ୟା ୧ଲକ୍ଷ ୧୯ ହଜାର ୩୦୪ ରହିଛି; ଯେଉଁଥିରେ ପୁରୁଷଙ୍କ ସଂଖ୍ୟା ୫୮ ହଜାର ୯୫୩ ଏବଂ ମହିଳାଙ୍କ ସଂଖ୍ୟା ୬୦ ହଜାର ୩୫୧ ରହିଛି। ଜୁନାଗଡ଼ ବ୍ଲକରେ ୧ ଲକ୍ଷ ୯୩ ହଜାର ୩୧୬ ଥିବାବେଳେ ପୁରୁଷ ସଂଖ୍ୟା ୯୬ ହଜାର ୪୪୧ ଓ ମହିଳାଙ୍କ ସଂଖ୍ୟା ୯୬ ହଜାର ୮୭୫ ରହିଛି। ଜୟପାଟଣା ବ୍ଲକରେ ୧ ଲକ୍ଷ ୩୦ ହଜାର ୭୨୪ ରହିଛି। ପୁରୁଷ ସଂଖ୍ୟା ୬୪ହଜାର ୬୭୩ ଓ ମହିଳାଙ୍କ ସଂଖ୍ୟା ୬୬ ହଜାର ୦୫୧ ରହିଛି। କଲମପୁର ବ୍ଲକରେ ୬୦ ହଜାର ୦୭୫ ଥିବାବେଳେ ପୁରୁଷଙ୍କ ସଂଖ୍ୟା ୨୯ ହଜାର ୫୩୧ ଏବଂ ମହିଳାଙ୍କ ସଂଖ୍ୟା ୩୦ ହଜାର ୫୪୪ ରହିଛି। ବର୍ତ୍ତମାନ ୧୪ ବର୍ଷ ପରେ ଜନସଂଖ୍ୟା ସ୍ଥିତି ଆହୁରି ବଦଳିଛି। ତେବେ କୋକସରା ବ୍ଲକରେ ଆମପାଣି ଓ କୋକସରା ଥାନା ରହିଛି। ଏହାସହ ମୋଟେର ଓ ଗୋଡୋମୁଣ୍ଡାରେ ଫାଣ୍ଡି ରହିଛି। ଗୋଲାମୁଣ୍ଡା ବ୍ଲକରେ ଗୋଲାମୁଣ୍ଡା, କେଗାଁ ଥାନା ରହିଛି। ସେହିଭଳି ଦଶପୁରରେ ଫାଣ୍ଡି ରହିଛି। କଲମପୁର ଫାଣ୍ଡି ଏବେ ଥାନାର ମାନ୍ୟତା ପାଇଛି। ଜୟପାଟଣା ବ୍ଲକରେ ଗୋଟିଏ ଥାନା ଓ ମୁଖିଗଡ଼ାରେ ଗୋଟିଏ ଫାଣ୍ଡି ରହିଛି। ଜୁନାଗଡ଼ରେ ମଧ ଗୋଟିଏ ଥାନା ଓ ଚିଲଗୁଡାରେ ଫାଣ୍ଡି ରହିଛି; ହେଲେ ଧର୍ମଗଡ଼ ବ୍ଲକରେ କେବଳ ଗୋଟିଏ ଥାନା ଅବସ୍ଥିତ। ଭୌଗୋଳିକ ସ୍ଥିତିକୁ ଦେଖିଲେ ଧର୍ମଗଡ଼ ଥାନା ଶେଷ ଭାଗରେ ପର୍ଲା ରହିଛି। ସୀମାନ୍ତରେ ଛତିଶଗଡ଼ ରହିଛି। ଅନ୍ୟପଟେ ନବରଙ୍ଗପୁର ଜିଲ୍ଲା ଲାଗି ରହିଥିବା ଧଅଁରପୁର ପଞ୍ଚାୟତ ସାହାଜଖୋଲ ଜଙ୍ଗଲରେ ପାଦ ଦେଶରେ ଅବସ୍ଥିତ; ଯେଉଁଠି କିଛି ବର୍ଷ ତଳେ ପୁଲିସ ଗୁଳିରେ କିଛି ମାଓବାଦୀଙ୍କ ମୃତ୍ୟୁ ଘଟିଥିଲା। ଏହି ଜଙ୍ଗଲରେ ଅନେକ ସମୟରେ ମାଓବାଦୀଙ୍କ ଚଳପ୍ରଚଳ ଖବର ଶୁଣିବାକୁ ମିଳିଥାଏ। ଏହି ଜଙ୍ଗଲର ଶେଷ ମୁଣ୍ଡ ନବରଙ୍ଗପୁର ଜିଲ୍ଲା ରାଇଘର ଗୋନା ଜଙ୍ଗଲ ସହିତ ସଂଯୋଗ ହୋଇଛି। ଏହା ସହ ଏହି ଅଞ୍ଚଳ ଛତିଶଗଡ଼ ରାଜ୍ୟ ମେନପୁର ଡିଭିଜନକୁ ମଧ୍ୟ ଲାଗି ରହିଛି। ଇତି ପୂର୍ବରେ ପର୍ଲା ପଞ୍ଚାୟତ କାର୍ଯ୍ୟାଳୟ ଫାଟକରେ ୨ଥର ମାଓବାଦୀଙ୍କ ପୋଷ୍ଟର ଲାଗିଥିଲା; ଯାହାକୁ ନେଇ ସେତେବେଳେ ଅଞ୍ଚଳର ଲୋକଙ୍କ ଭିତରେ ଭୟଭୀତ ଖେଳି ଯାଇଥିଲା। ଭୌଗୋଳିକ ଦୃଷ୍ଟିରୁ ଧର୍ମଗଡ଼ ଥାନାର ବିଭାଜନ ଘଟି ନୂତନ ଥାନା ଓ ଫାଣ୍ଡିର ଆବଶ୍ୟକତା ରହିଛି। କିଛି ବର୍ଷ ତଳେ ଗୋଟିଏ ଥାନା ଗୋଟିଏ ବ୍ଲକ ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଥିବା ଶୁଣିବାକୁ ମିଳିଥିଲା। ସେତେବେଳେ ଆଶା କରାଯାଉଥିଲା ଯେ ଧର୍ମଗଡ଼ ଥାନାର ବିଭାଜନ ଘଟି ଗୋଟିଏ ଦୁଇଟି ଫାଣ୍ଡି ପ୍ରତିଷ୍ଠା ହେବ। ବର୍ତ୍ତମାନ ସରକାର ୨୭ଟି ଥାନା ସ୍ଥାପନ କରିବାକୁ ସୂଚନା ଦେଇଛନ୍ତି; ଯାହା ଧର୍ମଗଡ଼ ଥାନା ବିଭାଜନ ହେବା ସମ୍ଭାବନା ଦେଖା ଦେଇଛି। ପର୍ଲାରେ ଫାଣ୍ଡି ସ୍ଥାପନ ପାଇଁ ବିଭିନ୍ନ ସମୟରେ ଦାବି ହୋଇଆସୁଛି। କିଛି ବର୍ଷ ତଳେ ପର୍ଲା ଓ ଟିପିଗୁଡାବାସୀ ଫାଣ୍ଡି ପ୍ରତିଷ୍ଠା ଦାବିରେ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଧର୍ମଗଡ଼ ଥାନା ବିଭାଜନ ହେଲେ ପର୍ଲା ଓ ଟିପିଗୁଡାରେ ଫାଣ୍ଡି ସ୍ଥାପନ ହେବା ନିଶ୍ଚିତ ବୋଲି ପ୍ରଶାସନ ବି ପ୍ରକ୍ରିୟା ଆରମ୍ଭ କରିଥିଲା। ଭୌଗୋଳିକ ସ୍ଥିତି ସହ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଦୃଷ୍ଟିରୁ ସିମାନ୍ତ ପର୍ଲାରେ ଥାନା ପ୍ରତିଷ୍ଠା ସହ ଟିପିଗୁଡା, କାଙ୍କେରୀ, ସନ୍ଧିକୁଲିଆରୀ, ଡୁମେରଗୁଡା ଅଞ୍ଚଳରେ ଏକ ଥାନା ସ୍ଥାପନର ଆବଶ୍ୟକତା ରହିଛି। ଧର୍ମଗଡ଼ ଥାନାରେ ବର୍ତ୍ତମାନ ଜଣେ ଇନ୍ସପେକ୍ଟର, ଜଣେ ସବ୍ ଇନ୍ସପେକ୍ଟର, ୬-ଜଣ ଅତିରିକ୍ତ ସବ୍ ଇନ୍ସପେକ୍ଟର, ଜଣେ ହେଡ୍ କନଷ୍ଟେବଲ ଓ ୬ ଜଣ କନଷ୍ଟେବଲ ବର୍ତ୍ତମାନ କାର୍ଯ୍ୟରତ। ତେବେ ପ୍ରାୟ ୨ଲକ୍ଷ ଲୋକଙ୍କ ଲାଗି ଗୋଟିଏ ଥାନା ପର୍ଯ୍ୟାପ୍ତ ନୁହେଁ। ଏହାକୁ ଦୃଷ୍ଟିରେ ରଖି ଧର୍ମଗଡ଼ ଥାନା ବିଭାଜନ ହୋଇ ପର୍ଲାରେ ନୂତନ ଥାନା ପ୍ରତିଷ୍ଠା ହେବା ଆଶା ସଞ୍ଚାର ହୋଇଛି।

## ଧରମବନ୍ଧା ଅଞ୍ଚଳରେ ହାତୀ ଆତଙ୍କ



**ନୂଆପଡ଼ା, ୨୧।୨(ସମିସ):** ନୂଆପଡ଼ା ଜିଲ୍ଲା ଧରମବନ୍ଧା ସେକ୍ସନ ଛୋଟ ଲୋଡ୍ରା, କଟିଙ୍ଗ ପାଣି ଆଦି ଗାଁ ଅଞ୍ଚଳରେ ପଡୋଶୀ ଛତିଶଗଡ଼ ଅଞ୍ଚଳରୁ ଆସିଥିବା ହାତୀପଲ ଘୁରି ବୁଲୁଥିବାରୁ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ରାତିରେ ହାତୀ ମାରାଗୁଡା ନିକଟରେ ପତୋରା ଡ୍ୟାମ୍‌ର ପାଣି ପିଉଥିବା ଲୋକେ ଦେଖିବାକୁ ପାଇଥିଲେ।ବନ ବିଭାଗକୁ ଖବର ଦେବା ପରେ ଟିମ୍ ଆସି ହାତୀଙ୍କ ଗତିବିଧି ଉପରେ ନଜର ରଖିଥିଲେ। ଗୁରୁବାର ସକାଳେ ଛୋଟ ଲୋଡ୍ରା, ଭରୁଆ ମୁଣ୍ଡା ଅଞ୍ଚଳକୁ ଆସିଥିବା କୁହାଯାଇଛି।ପୁଣି ସନ୍ଧ୍ୟାରେ କଟିଙ୍ଗ ପାଣି ଗାଁ ନିକଟରେ ଅଟକି ରହିଥିବା ବେଳେ ଏଥିରେ ୨ଟି ଛୁଆ ସହ ୭ଟି ବଡ଼ ହାତୀ ରହିଥିବା ବନ ବିଭାଗ ସୂତ୍ରରୁ ପ୍ରକାଶ। ବନ ବିଭାଗର ଟିମ୍ ହାତୀପଲ ଉପରେ ନିଘା ରଖି ସ୍ଥାନୀୟ ଅଞ୍ଚଳରେ ଲୋକଙ୍କୁ ସଚେତନତା କରୁଛନ୍ତି। ଗାଁ ଗୁଡିକରେ ବିଜୁଳୀ ସଂଯୋଗ କାଟି ଦିଆଯାଇଛି। ଏଯାଏଁ କୌଣସି କ୍ଷୟ କ୍ଷତି କରିନଥିବା ଜଣାଯାଏ।

## ବର୍ଦ୍ଧିତ ଭତ୍ତା ପାଇଁ ଜିଲ୍ଲାପାଳଙ୍କୁ ଭେଟିଲେ ଦିବ୍ୟାଙ୍ଗ



**ନୂଆପଡ଼ା/ଖଡ଼ିଆଳ, ୨୧।୨ (ସମିସ):** ଗୁରୁବାର ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଖଡ଼ିଆଳ ବ୍ଲକ ଗସ୍ତ ଅବସରରେ ତାଙ୍କୁ ଭେଟି ଦୁଇ ଜଣ ଦିବ୍ୟାଙ୍ଗ ସରକାରଙ୍କ ବର୍ଦ୍ଧିତ ଭତା ପାଇଁ ଗୁହାରୀ କରିଛନ୍ତି। ଜିଲ୍ଲାପାଳ ତୁରନ୍ତ ତଦନ୍ତ କରି ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଡିଓଙ୍କୁ ନିର୍ଦ୍ଦେଶ କରିଛନ୍ତି।ଖଡ଼ିଆଳ ବ୍ଲକ ଡୁଆଝର ଗ୍ରାମର ରିତାଞ୍ଜଳି ମେହେର ଶତ ପ୍ରତିଶତ ଶ୍ରବଣ ଶକ୍ତି ହରାଇଥିବା ବେଳେ ତାଙ୍କୁ ସରକାରଙ୍କ ବର୍ଦ୍ଧିତ ଭତ୍ତା ମିଳି ପାରୁନାହିଁ।ସେହିପରି ଖଡିଆଳ ବ୍ଲକ ଡୁଆଝର ପଞ୍ଚାୟତନିବାସୀ ରାମ ଜି ସତନାମି ମଧ ଶତ ପ୍ରତିଶତ ପ୍ରତିଶତ ଦିବ୍ୟାଙ୍ଗ ଅଟନ୍ତି। ତାଙ୍କ ଦୁଇ ଗୋଡ଼ ରେଳ ଦୁର୍ଘଟଣାରେ କଟି ଯାଇଛି। ସରକାରଙ୍କ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି। ଜିଲ୍ଲାପାଳ ଦୁହିଁଙ୍କ ସ୍ଥିତି ଅନୁଧ୍ୟାନ କରି ଖଡିଆଳ ବିଡିଓଙ୍କୁ ଆବଶ୍ୟକ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

**ବୌଦ୍ଧ, ୨୧।୨(ସମିସ):** ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ମଙ୍ଗତୁଲାଲ, ସହ ପ୍ରଧାନ ଆଚାର୍ଯ୍ୟ ଅଶୋକ ପୁରୋହିତ ଯୋଗ ଦେଇ ଏହି ଦିବସ ଉପରେ ଆଲୋକପାତ କରିଥିଲେ। ମାତୃଭାଷା ହେଉଛି ଶିଶୁର ଆଦ୍ୟ ଭାଷା। ଏଣୁ ମାତୃଭାଷାର ଗୁରୁତ୍ୱ ଉପରେ ଅତିଥିମାନେ ଆଲୋଚନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ ମିଶ୍ର ଅଧ୍ୟକ୍ଷତା କରିଥିବେଳେ ବରିଷ୍ଠ ଆଚାର୍ଯ୍ୟ ନରେନ୍ଦ୍ର ମହାକୁଳ ଅତିଥି ପରିଚୟ ପ୍ରଦାନ କରିଥିଲେ।

**ସୁବଳୟା:** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ମୁର୍ଷୁଣ୍ଡୀସ୍ଥିତ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନ୍ତଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ କାଳିଆ କର୍ମୀଙ୍କ ସଭାପତିତ୍ୱ ସଭା ଅନୁଷ୍ଠିତ ହୋଇଥିଲା। ମାତୃଭାଷା ମାଧ୍ୟମରେ ପିଲାଙ୍କ ସର୍ବାଙ୍ଗୀନ ବିକାଶ ଏବଂ ମାତୃଭାଷା ବ୍ୟବହାର ପ୍ରତି ପିଲାଙ୍କୁ ଉତ୍ସାହିତ କରିବା ପାଇଁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ନେଇ ମାତୃଭାଷାର ପ୍ରଚାରପ୍ରସାର ପାଇଁ ଶପଥ ପାଠ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ମମତା ବେହେରା ଶପଥ ପାଠ କରାଇଥିଲେ। ପରେ ମାତୃଭାଷା ଦିବସ ବିଷୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପଞ୍ଚମ ଶ୍ରେଣୀର ଛାତ୍ରୀ ଦେବକୀ ନାଏକ କବିତା ପଠନ କରିଥିଲେ। ଚତୁର୍ଥ ଶ୍ରେଣୀର ଛାତ୍ରୀ ଚାନ୍ଦରାନୀ ଡାଙ୍ଗ ଗଳ୍ପକଥନ ଓ ପଞ୍ଚମ ଶ୍ରେଣୀର ଛାତ୍ର ସର୍ବେଶ୍ୱର ଖେତୀ ସ୍ଲୋଗାନ ଗାନ କରିଥିଲେ। ଚତୁର୍ଥ ଶ୍ରେଣୀର ଛାତ୍ରୀ ସୃଷ୍ଟିରାନୀ କବିତା ଗାନ କରିଥିଲେ। ଚିତ୍ରାଙ୍କନରେ ପୂର୍ଣ୍ଣିମା ପଧାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରଦ୍ୟୁମ୍ନ ସେଠି ଧନ୍ୟବାଦ ଅର୍ପଣ କରିଥିଲେ।

**ବୀରମହାରାଜପୁର:** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ବାଗବର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଲକ୍ଷ୍ମୀ ନାରାୟଣ ସାହୁଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ପ୍ରାରମ୍ଭରେ ଭାରତର ସମ୍ବିଧାନର ପ୍ରସ୍ତାବନା ଓଡ଼ିଆ ଭାଷାରେ ପାଠ କରାଯାଇଥିଲା। ସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି, ସ୍ଲୋଗାନ ଲିଖନ ଓ ପୋଷ୍ଟର ତିଆରି ଆଦି ପ୍ରତିଯୋଗିତା କରାଯାଇଥିଲା। ପ୍ରବନ୍ଧ ଲିଖନରେ ସ୍ନିଗ୍ଧାରାଣୀ ଜଗଦଲା, ବକ୍ତୃତାରେ ଅସ୍ମିତା ଭୋଇ, କବିତା ଅବୃତ୍ତିରେ ତୃପ୍ତିମୟୀ ବଗର୍ତ୍ତି, ପୋଷ୍ଟର ତିଆରିରେ ବଳରାମ ଦଣ୍ଡସେନା ଓ ସ୍ଲୋଗାନ ଲିଖନରେ ରିୟା ମହାକୁର ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହାସହିତ ତ୍ରିଲୋଚନ ବଗର୍ତ୍ତୀ ବହୁଭାଷୀ ଶବ୍ଦ ବୃକ୍ଷ ପ୍ରଦର୍ଶନ କରିଥିଲେ। ଶିକ୍ଷୟିତ୍ରୀ ଗୌରୀ କୁମୁରା ଓ ମିନାକ୍ଷୀ ପ୍ରଧାନ ମାତୃଭାଷାର ମହତ୍ତ୍ୱ, ଆବଶ୍ୟକତା ଓ ଆମ ମାତୃଭାଷା ଓଡ଼ିଆର ଅସ୍ମିତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଭୁଦତ୍ତ ବେଡୋକ୍ତା ସଭା ସଂଯୋଜନା କରିଥିବା ବେଳେ ମୌସୁମୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

### ୧୯ ବର୍ଷରୁ କମ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ

## ଟେମରାକୁ ହରାଇ ଡହଗାଁ ଚାମ୍ପିଅନ

**କୋକସରା, ୨୧।୨(ସମିସ):** କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତର ବଙ୍ଗୋମୁଣ୍ଡା ମା’ ଠାକୁରାଣୀ ସ୍ପୋର୍ଟସ କ୍ଲବ୍ ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡ଼ିଆରେ ଚାଲିଥିବା ‘ଅଣ୍ଡର-୧୯’ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଛି। ଫାଇନାଲ ଖେଳ ଡହଗାଁ ଓ ଟେମରା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡହଗାଁ ଦଳ ୨/୦ ଗୋଲ ସ୍କୋର କରି ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ୍ ହୋଇଛି। ଖେଳକୁ ପିଇଟି ତାପସ ରଞ୍ଜନ ଦାସ ପରିଚାଳନା କରିଥିବାବେଳେ ଲାଇନ୍ସରେ ଜଗମୋହନ ମାଝୀ ଓ ସୁଜୀତ ପୁଝାରୀ ସହଯୋଗ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ଗମ୍ଭୀଗୁଡା ପଞ୍ଚାୟତ ସରପଞ୍ଚ ଇଶରାମ ସୁନାନୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ସିଆରପିଏଫ୍ ଯବାନ ଭୋଲାନାଥ ଦଳପତି, କୋକସରା ବ୍ଲକ ସାମ୍ବାଦିକ ସଂଘର ସମ୍ପାଦକ ଜଗଦୀଶ ନାଏକ, ସାମ୍ବାଦିକ ପରେଶ ପଟ୍ଟନାୟକ, ନବୀନ ପୁଝାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଉଭୟ ବିଜେତା ଓ ଉପ-ବିଜେତା ଦଳକୁ ଅତିଥିଙ୍କ ଦ୍ୱାରା ଟ୍ରଫି ସହ ଅର୍ଥରାଶି ଦେଇ ପୁରସ୍କାର ପ୍ରଦାନ କରାଯାଇଥିଲା। ଦେବେନ୍ଦ୍ର ପୁଝାରୀ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଆୟୋଜକ ଅନୁଷ୍ଠାନର ତୁଳସୀ ରାମ ପୁଝାରୀ, ହିରଣ୍ୟ ଗହୀର, ଈଶ୍ୱର ମାଝୀ, ଦିନେଶ ପୁଝାରୀ, କପିଳାଶ ଲହଜଲ, କ୍ଷିରୋଦ ବଛା, ମହମ୍ମଦ ଖାଁନ, ଗଜିନ୍ଦ୍ର ନାଏକ, ଗୌତମ ପୁଝାରୀ, ମୁରଲୀଧର ପୁଝାରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ପାନୀୟଜଳ ସମସ୍ୟା ନେଇ ବୈଠକ

**ନୂଆପଡ଼ା/ଖଡିଆଳ, ୨୧।୨ (ସମିସ):** ନୂଆପଡ଼ା ଜିଲ୍ଲା ଖଡିଆଳ ପଞ୍ଚାୟତ ସମିତି ଅଞ୍ଚଳରେ ଗ୍ରାମ୍ୟ ଜଳ ଯୋଗାଣ ସମସ୍ୟାର ସମାଧାନ ପାଇଁ ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଡିଆଳ ବ୍ଲକର ୨୬ ପଞ୍ଚାୟତର ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଗ୍ରାମ୍ୟ ଜଳ ଯୋଗାଣ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଜିଲ୍ଲାପାଳ ପଞ୍ଚାୟତର ପାନୀୟଜଳ ସମସ୍ୟା ସରପଞ୍ଚ ତଥା ଜନ ପ୍ରତିନିଧିଙ୍କ ମୁହଁରୁ ଶୁଣିବାକୁ ଚାହିଁଥିଲେ। ପଞ୍ଚାୟତରେ ଥିବା ସମସ୍ତ ଜଳ ଯୋଗାଣ ପ୍ରକଳ୍ପ ଓ ନଳକୂପଗୁଡ଼ିକୁ ଶତ ପ୍ରତିଶତ କାର୍ଯ୍ୟକ୍ଷମ କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଖଡିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ନନ୍ଦ, ସମସ୍ତ ସରପଞ୍ଚ ଏବଂନିର୍ବାହୀଅଧିକାରୀଙ୍କୁ ସୂଚୀତ କରିଥିଲେ ଯେ ପ୍ରତ୍ୟେକ ନାଗରିକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିଜ ଦାୟୀତ୍ୱ ବୋଲି ସମସ୍ତେ ମନେ କରିବେ। ସଭାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ବିଡ଼ିଓ ନରସିଂହ ଗଡ଼ବା, ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତ ରଞ୍ଜନ ବେହେରା, ମାଲ୍ୟବନ୍ତ ସୁନା, ତନୟା ଶବର ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସହର ତଥା ସମସ୍ତ ଗ୍ରାମାଞ୍ଚଳରେ ପାନୀୟଜଳ ବ୍ୟବସ୍ଥାର ଉତ୍ତମ ପରିଚାଳନା ପାଇଁ ଜିଲ୍ଲାପାଳ ପ୍ରଶାସନ ତଥା ଜନ ପ୍ରତିନିଧିମାନଙ୍କୁ ଆହ୍ୱାନ ଦେଇଛନ୍ତି।

## କର୍ପୋରେଟ ସପକ୍ଷବାଦୀ ବଜେଟ ପ୍ରତ୍ୟାହାର ଦାବି



**ଭବାନୀପାଟଣା, ୨୧।୨(ସମିସ):** କର୍ପୋରେଟ ସପକ୍ଷବାଦୀ ବଜେଟ ପ୍ରତ୍ୟାହାର କରିବାକୁ ବାମପନ୍ଥୀ ଦଳ ଦାବି କରିଛି। ଏ ନେଇ କେନ୍ଦ୍ର ସରକାରଙ୍କ ବିରୋଧରେ ଭବାନୀପାଟଣା ଜିଲ୍ଲାପାଳଙ୍କ ଅଫିସ ନିକଟରେ ପ୍ରତିବାଦ କରାଯାଇଛି। ଏହି ପ୍ରତିବାଦରେ ବାମପନ୍ଥ ଦଳ ସିପିଏମ୍, ସିପିଆଇ, ସିପିଆଇଏମଏଲ (ଲିବରେସନ)ର କର୍ମକର୍ତ୍ତା ଯୋଗ ଦେଇଥିଲେ। ଦର ବୃଦ୍ଧି ନିୟନ୍ତ୍ରଣ, ବେକାରଙ୍କୁ ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷିର ବିକାଶ ପାଇଁ ବିକଳ୍ପ ବଜେଟ ବ୍ୟବସ୍ଥା ଦାବି ନେଇ ସେମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ପ୍ରତିବାଦ କରିଥିଲେ। ଏଥିରେ ସିପିଆଇଏମ୍‌ର ରାଜ୍ୟ କମିଟି ସଭ୍ୟ ବିଶ୍ୱଜିତ୍ ଚାଟାର୍ଜୀ, ସିପିଆଇ ଜିଲା ସହ ସମ୍ପାଦକ ସୁରେନ୍ଦ୍ର ମାଝୀ, ସଞ୍ଜୟ ସୁନାନୀ, ଜଗଦୀଶ ଦୁର୍ଗା, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଦାମୋଦର ବେହେରା, ଏଆଇଏସଏଫ୍‌ର କଳାହାଣ୍ଡି ଜିଲ୍ଲା ସଭାପତି ରାଜାରାମ ଡଙ୍ଗରୀ, ସିପିଆଇଏମ୍ ଜିଲ୍ଲା ସମ୍ପାଦକ ସତ୍ୟଜିତ ଚାଟାର୍ଜୀ, ବାମପନ୍ଥୀ ନେତା ନବ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

### ଓଡ଼ିଆ ବାର୍ତ୍ତା ପକ୍ଷରୁ ଦେବଗିରିରେ ବସନ୍ତ ଉତ୍ସବ

## ଭୋଗବିଳାସର ଋତୁ ବସନ୍ତରେ ସଂଯମୀ ହେବାକୁ ଆହ୍ୱାନ

**ଭବାନୀପାଟଣା, ୨୧।୨ (ସମିସ):** ଶ୍ରୀମନ୍ଦିରରେ ଶ୍ରୀଜୀଉ ମାଘ ଶୁକ୍ଳ ପଞ୍ଚମୀ ତିଥିରୁ ନିଜର ଶୀତବସ୍ତ୍ରକୁ ପରିହାର କରି ଗୈରିକ ବର୍ଣ୍ଣର ବସ୍ତ୍ର ପରିଧାନ କରନ୍ତି। ଭୋଗବିଳାସର ଋତୁ ବସନ୍ତର ଆଗମନରେ ମହାପ୍ରଭୁ ନିଜେ ସମସ୍ତ ବିଳାସ ତ୍ୟାଗକରି ବ୍ରହ୍ମଚାରୀ ବେଶରେ ସମୟ ଅତିବାହିତ କରିବା ଏବଂ ସଂଯମୀ ହେବାକୁ ଭକ୍ତଙ୍କୁ ଆହ୍ୱାନ ଦେଇଥାନ୍ତି। ତେଣୁ ସନାତନ ଧର୍ମଧାରାରେ ବସନ୍ତ କାଳ ଗୃହସ୍ଥିଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଆ ବାର୍ତ୍ତା ପକ୍ଷରୁ ଦେବଗିରିରେ ଆୟୋଜିତ ବସନ୍ତ ଉତ୍ସବ-୨୦୨୫ ଅବସରରେ ଏହି ମତ ପ୍ରକାଶ ପାଇଛି। ନର୍ଲା ବ୍ଲକ ବୁଢୀପଦରସ୍ଥିତ ଦେବଗିରି ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଗୁରୁବାର ଓଡ଼ିଆ ବାର୍ତ୍ତା ପକ୍ଷରୁ ବସନ୍ତ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବାର୍ତ୍ତା ସମ୍ପାଦକ ଡ. ସୁନୀଲ ଧଙ୍ଗଡ଼ାମାଝୀଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରିଚାଳନା ନିର୍ଦ୍ଦେଶକ ସୁନିଲ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ଧଙ୍ଗଡ଼ାମାଝୀ, ଶିକ୍ଷାବିତ ଗୁଣନିଧି ଧଙ୍ଗଡ଼ାମାଝୀ ପ୍ରମୁଖ ଉପସ୍ଥିତ ରହି ବସନ୍ତ ଉତ୍ସବ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଦେବଗିରି ବୁଢୀପଦରଠାରେ ଓଡ଼ିଆ ବାର୍ତ୍ତାର ଏକ ଶାଖା କାର୍ଯ୍ୟାଳୟକୁ ମୁଖ୍ୟ ଅତିଥି ଶ୍ରୀ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ସମ୍ପାଦକ ସଞ୍ଜୟ ଧଙ୍ଗଡ଼ାମାଝୀ, ବାର୍ତ୍ତା ସମ୍ପାଦକ ସୁମିତ ଅଗ୍ରୱାଲ, ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ପୂର୍ବତନ ସଭାପତି ପ୍ରଦୀପ ଧଙ୍ଗଡ଼ାମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସହ ସମ୍ପାଦକ ସଲିଲ ଧଙ୍ଗଡ଼ାମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାମ୍ବାଦିକ ଲିଙ୍ଗରାଜ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କଣ୍ଟାବାଞ୍ଜି ‘ମାଟିର ମହୋତ୍ସବ’ ପାଇଁ ବୈଠକ

**କଣ୍ଟାବାଞ୍ଜି, ୨୧।୨ (ସମିସ):** କଣ୍ଟାବାଞ୍ଜି ମାଟିର ମହୋତ୍ସବ ପାଇଁ ବିଦ୍ୟାଳୟସ୍ତରୀୟ ଏକ ବୈଠକ ସ୍ଥାନୀୟ ନୋଡାଲ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କମିଟିର କାର୍ଯ୍ୟକାରିଣୀ ସଭାପତି ତଥା ଶିକ୍ଷକ ବିରଞ୍ଚି ନାରାୟଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କଣ୍ଟାବାଞ୍ଜି ସହରର ଭିତରେ ଥିବା ପ୍ରାଥମିକରୁ ସ୍ନାତକ ପର୍ଯ୍ୟନ୍ତ ସମସ୍ତ ଶିକ୍ଷା ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ, ପ୍ରାଧ୍ୟାପକ, ଅଧ୍ୟକ୍ଷମାନେ ସାମିଲ ହୋଇଥିଲେ। କମିଟିର ସହ ସମ୍ପାଦକ ଦିନେଶ ମହାନନ୍ଦ ଅନ୍ୟ ସମସ୍ତ ଦିଗ କୁ ନେଇ ଚର୍ଚ୍ଚା ଆଲୋଚନା କରିବା ସହ ମଞ୍ଚ ପରିଚାଳନା କରିଥିଲେ। ମାଟିର ମହୋତ୍ସବ କମିଟିର ସହ ସମ୍ପାଦକ ତୁଳସୀ ରାମ ଜଗତ, ପ୍ରଚାରକ ରୋହନ ମହତ, ସାଂସ୍କୃତିକ ସଂଯୋଜକ ରଶ୍ମି ରଞ୍ଜନ ପଟେଲ, ସାଂସ୍କୃତିକ ସମ୍ପାଦକ ଅମରେନ୍ଦ୍ର ବାଗ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ରାଜେଶ ମହାନ୍ତି, ରାଜେନ୍ଦ୍ର ପୁରୋହିତ, ଭାସ୍କର ମେହେର, ଶିକ୍ଷକ ମୃତ୍ୟୁଞ୍ଜୟ ଖାଁ, ମଧୁସୂଦନ ପଟେଲ, ସର୍ଜୁ ବଗର୍ତ୍ତି, ଲୋକେଶ ସିଶା, ରୋହିତ ଅଗ୍ରୱାଲ୍, ଭିଭିଏସ୍ ମୂର୍ତ୍ତି, ଡୋଳାମଣି ତାଣ୍ଡି, ପ୍ରଫୁଲ୍ଲ ମହାକୁଡ଼, ଶିକ୍ଷୟିତ୍ରୀ ସବିତା ମହାପାତ୍ର, ଅଞ୍ଜଳି ମାଝୀ, ନିରୁପମା ମିଶ୍ର, ସଂଘ ମୀତ୍ରା ପାଣିଗ୍ରାହି, ଲାବନ୍ୟା ବତି ଧରୁଆ, ଯଶୋଦା ବିଦିକା, ଶୁଭମ୍ ବାରିକ ଉପସ୍ଥିତି ଥିଲେ।

### ବ୍ଲକସ୍ତରୀୟ ମିଶନ ଶକ୍ତି ଋଣମେଳା

## ୧୩୧ ଏସ୍‌ଏଚ୍‌ଜିକୁ ୫ କୋଟି ୩୭ ଲକ୍ଷ ଟଙ୍କା ପ୍ରଦାନ

**କୋକସରା, ୨୧।୨(ସମିସ):** କୋକସରା ପଞ୍ଚାୟତ ସମିତି ସଭାଗୃହରେ ବ୍ଲକସ୍ତରୀୟ ମିଶନଶକ୍ତି ଋଣ ମେଳା ଅନୁଷ୍ଠିତ ହୋଇଛି। ଏଥିରେ କୋକସରା, ଲଡୁଗାଁ ଓ ଆମପାଣି ଏସବିଆଇ ବ୍ୟାଙ୍କ, ମୋଟେର, କାଉଡୋଲା ଓ କାଶିବାହାଲ ୟୁଜିବି ବ୍ୟାଙ୍କ୍ ସମେତ ବିଭିନ୍ନ ବ୍ୟାଙ୍କ ଏହି ଋଣ ମେଳାରେ ଯୋଗ ଦେଇଥିଲେ। ଏହି କ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ଋଣ ପ୍ରଦାନ ନିମନ୍ତେ ସମସ୍ତ ନଥିପତ୍ର ସଂଗ୍ରହ କରାଯାଇଥିଲା। ପରେ ବ୍ୟାଙ୍କ ଦ୍ୱାରା ବ୍ଲକର ୧୩୧ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୫ କୋଟି ୩୭ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ବ୍ୟାଙ୍କ ଶାଖା ପରିଚାଳକମାନଙ୍କ ଦ୍ୱାରା ଏହା ପ୍ରଦାନ କରାଯାଇଥିଲା। ବିପିଏମ୍ ମାନସ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଏଲସି ସୁରେଶ ରାଉତ, ବିଏଲସି ସୈମ୍ୟାରଞ୍ଜନ ପଣ୍ଡା, ବିପିଏ ମନୋରଞ୍ଜନ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## ଆୟୁଷ୍ମାନ ଆରୋଗ୍ୟ ଶିବିର

**ଲଛିପୁର, ୨୧।୨(ସମିସ):** ଲଛିପୁର ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିର ପରିସରରେ ସପ୍ତମ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରର ଭାରପ୍ରାପ୍ତ ଫାର୍ମାସୀ ଅଫିସର୍ ପ୍ରଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଥିଲା।ଶିବିରକୁ ଲଛିପୁର ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିରର ଭାରପ୍ରାପ୍ତ ମେଡିକାଲ ଅଫିସର ଡାକ୍ତର ଦେବବ୍ରତ ନାଏକ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଶିବିରକୁ ଆସିଥିବା ରୋଗୀଙ୍କ ଚିକିତ୍ସା କରିଥିଲେ।ସ୍ୱାସ୍ଥ୍ୟ କେନ୍ଦ୍ରର ପଥୋଲୋଜିଷ୍ଟ ରୋଜାଲିନ ଧଳ ରୋଗୀମାନଙ୍କର ରକ୍ତ ନମୁନା ପରୀକ୍ଷା କରିଥିଲେ। ଭାରପ୍ରାପ୍ତ ଫାର୍ମାସୀ ଅଫିସର୍ ପ୍ରଶାନ୍ତ କୁମାର ସାହୁ ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ କରିଥିଲେ। ଯୋଗ ଗୁରୁ ତ୍ରିଲୋଚନ ତରିଆ ଯୋଗାଭ୍ୟାସ କରାଇ ଥିବାବେଳେ ଶିବିରକୁ ଆଶାକର୍ମୀ, ସ୍ୱାସ୍ଥ୍ୟ କେନ୍ଦ୍ରର ଆଟେଣ୍ଡାଣ୍ଟ ସାର୍ଥକ ରଞ୍ଜନ ବହିଦାର, ସେକ୍ୟୁରିଟୀ ଅଞ୍ଜଳ ମଟାରି, ଝାଡୁଦାର ଭାଗରଥି ଭୋଇ, ଅନିତା ଭୋଇ, ଓ ମୀନା ବାଘ ପ୍ରମୁଖ ସହଯୋଗ କରିଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଲଛିପୁର, ୨୧।୨(ସମିସ):** ସୋନପୁର ବ୍ଲକ ଖଲିଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ରାଣୀ ଲକ୍ଷ୍ମୀବାଇ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ତାଲିମ କାର୍ଯ୍ୟକ୍ରମରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୫୯ ଜଣ ଛାତ୍ରୀ ପ୍ରଶିକ୍ଷଣ ଶିବିରରେ ଅଂଶ ଗ୍ରହଣ କରିଥିଲେ। ଖଲିଆପାଲି ସ୍କୁଲର ଶିକ୍ଷୟିତ୍ରୀ ଲିପିନାରାଣୀ ପ୍ରଧାନ ଓ ଗୋବିନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ ପୁଷ୍ପଲତା ସାହୁ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ବିଶ୍ୱ ବିଭୂଷିତା ପଣ୍ଡା ଧନ୍ୟବାଦ ଦେଇଥିଲେ।

## ସିଦ୍ଧାର୍ଥ ଡିଗ୍ରୀ କଲେଜରେ ବାର୍ଷିକ କ୍ରୀଡ଼ା

**ବିନିକା, ୨୧।୨(ସମିସ):** ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ଚାଲିଥିବା ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି।୧୪ଟି ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ।ପୁରୁଷ ବିଭାଗରେ ଶ୍ୟାମାଜୀ ସାଲମା ଓ ମହିଳା ବିଭାଗରେ ସୁଶ୍ରୀ ଇତି ମହାରଣା ଚାମ୍ପିଅନ ହୋଇଥିଲେ। ଖେଳ ଗୁଡ଼ିକୁ ଖେଳ ଶିକ୍ଷକ ନାରାୟଣ ଚୌଧୁରୀ ଓ ନରସିଂହ ସେଠୀ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କଲେଜ ଡ଼ ଧୀରେନ୍ଦ୍ର କୁମାର ନାୟକ, କ୍ରୀଡା ବିଭାଗ ଉପସଭାପତି ବାଣୀ ପ୍ରସାଦ ବିଶ୍ୱାଳ, ଅଧ୍ୟାପକ ରୁଦ୍ର ନାରାୟଣ ଦାଶ, ଗୋପାଳ କୃଷ୍ଣ ଦାଶ ପ୍ରମୁଖ ଯୋଗଦେଇ କ୍ରୀଡାବିତ ମାନଙ୍କୁ ଉତ୍ସାହିତ କରିବା ସହ ମାନପତ୍ର ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ବିଶ୍ୱନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସିଂହାରୀରେ ପ୍ରଧାନଶିକ୍ଷକ ସମ୍ମିଳନୀ

ତରଭା, ୨୧।୨(ସମିସ)

ତରଭା ବ୍ଲକ ସିଂହାରୀ କଲ୍ୟାଣ ମଣ୍ଡପରେ ବ୍ଲକର ସମସ୍ତ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ତରଭା ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ ଅନ୍ତର୍ଗତ ସମସ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକମାନେ ଯୋଗଦାନ କରିଥିଲେ। ତରଭା ଗୋଷ୍ଠି ଶିକ୍ଷା ଅଧିକାରୀ ନାରାୟଣ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ସତ୍ୟ ନାରାୟଣ ମହାପାତ୍ର ଓ କୃଷ୍ଣଚନ୍ଦ୍ର ପଣ୍ଡା ଏବଂ ବରିଷ୍ଠ କିରାଣୀ ସତ୍ୟବ୍ରତ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ସିଂହାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥଲେ।ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଶ୍ରୀ ମହାପାତ୍ର ବିଦ୍ୟାଳୟର ଶୈକ୍ଷିକ ଦିଗ, ଦୈନିକ ପାଠ ଟୀକା, ପିଲାଙ୍କୁ ଲାଇବ୍ରେରୀ ବହି ବଣ୍ଟନ, ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ଶିବିର, ଏଫ୍‌ଏଲ୍‌ଏନ୍ ଶ୍ରେଣୀରେ ଶିକ୍ଷାଦାନ ସମ୍ପର୍କରେ ଆଲୋଚନା କରିଥିଲେ।ଅନ୍ୟତମ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଶ୍ରୀ ପଣ୍ଡା ବିଦ୍ୟାଳୟରେ ଆବଶ୍ୟକୀୟ ବିଭିନ୍ନ




ରେଜିଷ୍ଟର ଓ ପରୀକ୍ଷା ସମ୍ପର୍କିତ ବିଭିନ୍ନ ଫର୍ମ୍ ପୂରଣ ଓ ତଥ୍ୟ ପ୍ରଦାନ, ପଞ୍ଚସଖା ଶିକ୍ଷା ଯୋଜନା ଓ ବିଦ୍ୟାଳୟରେ ବିଭିନ୍ନ ସହପାଠ୍ୟ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ।ଗୋଷ୍ଠି ଶିକ୍ଷା ଅଧିକାରୀ ଶ୍ରୀ ମିଶ୍ର ସମସ୍ତଙ୍କୁ ବିଦ୍ୟାଳୟର ଖୋଲିବା ଓ ଛୁଟି ସମୟ, ଲେସନ୍ ନୋଟ ଲେଖନ, ପ୍ରଧାନଶିକ୍ଷକମାନେ ନିୟମିତ ସହକାରୀ ଶିକ୍ଷକଶିକ୍ଷୟିତ୍ରୀଙ୍କ ଶ୍ରେଣୀ ପରିଦର୍ଶନ, ବିଦ୍ୟାଳୟକୁ ଆସୁଥିବା ବିଭିନ୍ନ ଅନୁଦାନର ଶୀଘ୍ର ବିନିଯୋଗ କରି ପ୍ରମାଣପତ୍ର ଦାଖଲ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ତାଲପଦର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳକଣ୍ଠ ବଗର୍ତ୍ତି, ତୁଲୁଣ୍ଡା ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ ମହାନ୍ତି, ରାଣିସର୍ଡା ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଧେଶ୍ୟାମ କୁଅଁର, ସିଆରସିସି ରୋହିତ କୁଅଁର, ମାକଡତୁଆଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ପାଣ୍ଡେ ପ୍ରମୁଖ ବିଦ୍ୟାଳୟ ସୁପରିଚାଳନା ପାଇଁ ନିମନ୍ତେ ନିଜର ମତାମତ ରଖିଥିଲେ।ସିଂହାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରହ୍ଲାଦ ଚୌହାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ତରଭା ବ୍ଲକର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସଞ୍ଜିବ ସେଠୀ, ଜଗମୋହନ ଛତ୍ରିଆ, ହରିଶ୍ଚନ୍ଦ୍ର ସା, ମନୋରଞ୍ଜନ ଚୌହାନ, ସାରଙ୍ଗ ପଧାନ, ସ୍ମିତାଞ୍ଜଳି ପଟ୍ଟନାୟକ, ଅର୍ଜୁନ ନାଗ, ଶଙ୍କର ମହଲା, ରମେଶ ବାଗ, ଧନେଶ୍ୱର ଅମାତ, ଦେବାଶିଷ ଗଡ଼ତିଆ, ପ୍ରଧାନଶିକ୍ଷକ ନୀଳାଚଳ ଭୋଇ, ଶୁଭ୍ରକାନ୍ତି ପଟ୍ଟନାୟକ, ଗୀତା ସାହୁ, ଜ୍ୟୋତି ପ୍ରକାଶ ସାହୁ, ଜଗନ୍ନାଥ ମିଶ୍ର, ସମ୍ପତ୍ତି ନାଏକ, ସୁଧୀର ଗଡ଼ତ୍ୟା, ବିବେକାନନ୍ଦ ମିଶ୍ର, ଶିକ୍ଷକ ଚିତ୍ରସେନ ରଣା, କମଳ ଭୁଏ, ବିମାଳ ଭୁଏ, ରାଧେଶ୍ୟାମ ସାମଲ ପ୍ରମୁଖ ସହଯୋଗ କରିଥିଲେ।

